# ପୁନର୍ବାର ସେବାର ସୁଯୋଗ ଦେଲେ ମୁଖ୍ୟମନ୍ତ୍ରୀ: ରୋହିତ

ସମ୍ବଲପୁର/ରେଢ଼ାଖୋଲ, ୧୧।୪(ସମିସ)

ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲ ବିଧାନସଭାରେ



ବିଧାୟକ ରୋହିତ ପୂଜାରୀଙ୍କୁ ପୁଣିଥରେ ପ୍ରାର୍ଥୀ କରିଥିବାବେଳେ ସମ୍ବଲପୁର ବିଧାନସଭା ପାଇଁ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ପ୍ରାର୍ଥୀ କରିଛନ୍ତି। ତାଲିକା ପ୍ରକାଶ ପାଇବା ପରେ ସମ୍ବଲପୁର ଜିଲ୍ଲା ବିଜେଡି ତଥା ପ୍ରସନ୍ନ ରୋହିତଙ୍କ ସମର୍ଥକଙ୍କ ଉତ୍ସାହ ଦ୍ୱିଗୁଣିତ ହୋଇଛି। ବିଭିନ୍ନ ସ୍ଥାନରେ ବାଣ ଫୁଟାଇ, ମିଷ୍ଟାନ୍ନ ବଣ୍ଟନ କରି ଖୁସି ମନାଇଛନ୍ତି। ଏବେ ବିଜେଡିରେ ରେଢ଼ାଖୋଲ, ସମ୍ବଲପୁର ଓ ରେଙ୍ଗାଲି ବିଧାନସଭା ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ରେଢ଼ାଖୋଲ ବିଧାନସଭା ପ୍ରାର୍ଥୀ ହେବାପରେ ରୋହିତ ପୂଜାରୀ ପ୍ରତିକ୍ରିୟା ଦେଇ କହିଛନ୍ତି, ରେଢ଼ାଖୋଲବାସୀଙ୍କ ସେବା କରିବାର ପୁଣି ସୁଯୋଗ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ତେଣୁ ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ରାଜ୍ୟ ବିଜେଡି ସଂଗଠନ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ଜଣାଉଛି। ଏହାସହ ପ୍ରଭୁ ଜଗନ୍ନାଥ ଓ ମାଁ ସମଲେଇଙ୍କଠାରେ ପ୍ରାର୍ଥନା କରୁଛି। ପୁଣି ସେବା କରିବା ପାଇଁ ବିଜୟୀ କରାନ୍ତୁ ବୋଲି ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ଜିଲ୍ଲାକୁ ସବୁବେଳେ ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତି। ତେଣୁ ଜନତା ଚାହିଁଲେ ଏହି ବିକାଶ ଜାରି ରହିବ ବୋଲି କହିଥିଲେ। କେବଳ ରେଢ଼ାଖୋଲ ନୁହେଁ ବାମଣ୍ଡା ସହର ବିଜେଡି କାର୍ଯ୍ୟାଳୟରେ ମଧ୍ୟ ବାଣ ଫୁଟାଇ ମିଷ୍ଟାନ ବଣ୍ଟନ କରିଥିଲେ। ଭୀମଭୋଇ ଛକଠାରେ ବିଜେଡ଼ି କର୍ମୀ ବାଣ ଫୁଟାଇ ମିଷ୍ଟାନ୍ନ ବଣ୍ଟନ କରି ବିଜେଡିର ଜୟ ଜୟ ନାରାରେ ଜୋରଦାର ଖୁସି ଜାହିର କରିଛନ୍ତି। ଏଥିରେ ରେଢ଼ାଖୋଲ ନଗର ସଭାପତି ସିଦ୍ଧାର୍ଥ ପ୍ରଧାନ, ଆଦିତ୍ୟ ନାରାୟଣ ପ୍ରଧାନ, ସୁନିଲ

## ‘୫-ଟି’ ଅଧ୍ୟକ୍ଷ, ସାଂଗଠନିକ ସମ୍ପାଦକଙ୍କୁ କୃତଜ୍ଞତା

କୁମାର ପ୍ରଧାନ, ଟିଟୁ ଦେହୁରୀ, ଦକ୍ଷ ବେହେରା, ନଗର ଛାତ୍ର ସଭାପତି ଶିବ ଶମ୍ଭୁ ନନ୍ଦ, ନରେନ୍ଦ୍ର ଦେଓ, ରାଜୁ ମୁଖୀ, ପ୍ରସନ୍ନଜିତ୍ ବିର, ବସନ୍ତ ପ୍ରଧାନ ପ୍ରମୁଖ ସମେତ ବହୁ ସଂଖ୍ୟାରେ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଆମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ବିଧାୟକ ରୋହିତ ପୂଜାରୀଙ୍କ ଜରିଆରେ ବହୁ ବିକାଶ ମୂଳକ କାର୍ଯ୍ୟ କରିଛନ୍ତି। ତୃତୀୟ ଥର ପାଇଁ ରେଢ଼ାଖୋଲ ବିଧାନସଭା ପ୍ରାର୍ଥୀ ଭାବରେ ରୋହିତ ପୂଜାରୀଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିଥିବାରୁ ଆମେ ବହୁତ୍ ଉତ୍ସାହିତ ଅଛୁ ବୋଲି ରେଢ଼ାଖୋଲ ବିଜେଡ଼ି ନଗର ସଭାପତି ସିଦ୍ଧାର୍ଥ ପ୍ରଧାନ କହିଛନ୍ତି। ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାରା ଓଡ଼ିଶାରେ ତଥା ରେଢ଼ାଖୋଲରେ ବହୁତ ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି। ବିଜେଡ଼ି ପ୍ରାର୍ଥୀ ଭାବେ ରୋହିତ ପୂଜାରୀଙ୍କୁ ଘୋଷଣା କରିଥିବାରୁ ଆମେ ନିଶ୍ଚିତ



ବିଜୟ ଲାଭ କରିବୁ। ଆମେ ସମସ୍ତେ ଉତ୍ସାହିତ ଅଛୁ ବୋଲି ପୂର୍ବତନ ଏନଏସି ଉପାଧ୍ୟକ୍ଷ ସୁନିଲ କୁମାର ପ୍ରଧାନ କହିଛନ୍ତି।

# ଧର୍ମେନ୍ଦ୍ରଙ୍କ ଲଡୁରେ ଗୋବିନ୍ଦ ସମ୍ମୋହିତ

**ସମ୍ବଲପୁର, ୧୧।୪(ସମିସ):** ରେଢ଼ାଖୋଲ ବିଧାନସଭା ଆସନ ପାଇଁ ବିଜେପି ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ରଙ୍କ ନାମ ପ୍ରକାଶ ପାଇବା ପରେ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଦଳର ବରିଷ୍ଠ ନେତା ଆଶାୟୀ ଗୋବିନ୍ଦ ଅଗ୍ରୱାଲ, ରେଢ଼ାଖୋଲ ଏନ୍ଏସି ଅଧ୍ୟକ୍ଷ ଶିବ ସାହୁଙ୍କ ସମେତ ଯୁଯୁମୁରାରେ ୧୫ରୁ ଅଧିକ କର୍ମକର୍ତ୍ତା ସମୂହ ଇସ୍ତଫା ଦେଇଥିଲେ। ବିଜେପି ଶିବିରରେ ଅସନ୍ତୋଷର ବାତାବରଣ ଖେଳିଯାଇଥିଲା। ଗୋବିନ୍ଦଙ୍କ ସପକ୍ଷରେ ଅନେକ ଲୋକ ବାହାରିଥିଲେ। ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବେ ବୋଲି ଆଲୋଚନା ହୋଇଥିଲା। ଗୋବିନ୍ଦ ମଧ୍ୟ ଗଣମାଧ୍ୟମ ଆଗରେ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରି ସ୍ୱାଧୀନ ପ୍ରାର୍ଥୀ ହେବେ ନା କ’ଣ କରିବେ ନିଷ୍ପତ୍ତି ନେବେ ବୋଲି କହିଥିଲେ। ଘଟଣାକୁ ନେଇ ରାଜନୀତି ସରଗରମ ହୋଇଯାଇଥିଲା। ଦୁଇଦିନ ତଳେ ଧର୍ମେନ୍ଦ୍ର ଗୋବିନ୍ଦ ତଥା ତଙ୍କ ସମର୍ଥକଙ୍କ ସହ ରେଢ଼ାଖୋଲ ଏନ୍ଏସି ଅଧ୍ୟକ୍ଷ ଶିବରାମ ସାହୁଙ୍କ ଘରେ ମଧ୍ୟାହ୍ନ ଭୋଜନ କରିଥିଲେ।ଗତକାଲିଠାରୁ ଗୋବିନ୍ଦ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ସହ ନିର୍ବାଚନ ପ୍ରଚାରରେ ଯାଉଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମରେ ସେମାନଙ୍କୁ ଏକାଠି ଦେଖିବାକୁ ମିଳୁଛି। ଏବେ ଧର୍ମେନ୍ଦ୍ରଙ୍କ କି ଲଡୁ ଖାଇ ଗୋବିନ୍ଦ ନିରବ ବୋଲି ଚର୍ଚ୍ଚା ଜୋର ଧରିଛି। ଗତ ୨୦୧୯ ସାଧାରଣ ନିର୍ବାଚନରେ ମଧ୍ୟ ଗୋବିନ୍ଦ ଆଶାୟୀ ଥିଲେ ଓ ଟିକେଟ ନ ମିଳିବାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡ଼ା ହେବେ ବୋଲି ଚର୍ଚ୍ଚା ଜୋର ଧରିଥିଲା। ଶେଷରେ ଗୋବିନ୍ଦ ନିର୍ବାଚନରେ ସକ୍ରିୟ ଭୂମିକାରୁ ଦୂରେଇ ଯାଇଥିଲେ। ହେଲେ ଏବେ ସ୍ଥିତି ଅଲଗା ହୋଇଛି। ଧର୍ମେନ୍ଦ୍ରଙ୍କ ବିଜୟ ପାଇଁ ପୂର୍ଣ୍ଣମାତ୍ରାରେ ସହଯୋଗ କରିବୁ ବୋଲି ଗୋବିନ୍ଦ ଗୋଷ୍ଠୀ ଶୁଣାଇ ସାରିଛନ୍ତି। ଦେବେନ୍ଦ୍ରଙ୍କୁ ଟିକଟ ଦେବା ପରଠାରୁ ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଏକ ସଭା କରି ଦେବେନ୍ଦ୍ରଙ୍କ ପ୍ରାର୍ଥିତ୍ୱକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହିତ ଗୋବିନ୍ଦଙ୍କୁ



ପ୍ରାର୍ଥୀ କରାଯିବାକୁ ଦାବି ଦୋହରାଇଥିଲେ। ଏପରିକି ଗତ ୫ ତାରିଖ ଦିନ ଅନୁଗୁଳର ଜରପଡ଼ାରେ ଅନୁଷ୍ଠିତ ମିଶ୍ରଣପର୍ବରେ ରେଢ଼ାଖୋଲ ଏନ୍ଏସି, ରେଢ଼ାଖୋଲ ବ୍ଲକ, ମାନେଶ୍ୱର, ଯୁଯୁମୁରା ଓ ନାକଟିଦେଉଳ ବ୍ଲକର ବହୁ କାର୍ଯ୍ୟକର୍ତ୍ତା ଧର୍ମେନ୍ଦ୍ରଙ୍କୁ ସାକ୍ଷାତ କରି ଗୋବିନ୍ଦଙ୍କୁ ପ୍ରାର୍ଥୀ କରିବାକୁ ଦାବି କରିଥିଲେ। ରେଢ଼ାଖୋଲରେ ଧର୍ମେନ୍ଦ୍ରଙ୍କ କାର୍ଯ୍ୟକ୍ରମରେ ଅସନ୍ତୁଷ୍ଟ ଗୋଷ୍ଠୀ ସାମିଲ ଥିବା ଦେଖିବାକୁ ମିଳିଥିଲା। ଧର୍ମେନ୍ଦ୍ର ଗୋବିନ୍ଦଙ୍କୁ ମନାଇବାକୁ ତାଙ୍କ ବାସଭବନକୁ ଯାଇଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ଗୋବିନ୍ଦ ତାଙ୍କର ସମର୍ଥନ ଧର୍ମେନ୍ଦ୍ରଙ୍କ ପ୍ରତି ଖୋଲାଖୋଲି ଘୋଷଣା କରିଛନ୍ତି। ହେଲେ ଦେବେନ୍ଦ୍ରଙ୍କ ପ୍ରତି ସମର୍ଥନ ପ୍ରସଙ୍ଗରେ ବର୍ତ୍ତମାନ ସୁଦ୍ଧା ଗୋବିନ୍ଦ କିମ୍ବା ତାଙ୍କ ଗୋଷ୍ଠୀ ସେମାନଙ୍କ ଆଭିମୁଖ୍ୟ ସ୍ପଷ୍ଟ କରି ନାହାନ୍ତି।

# ରେଙ୍ଗାଲି ବିଜେଡି ଅଫିସ ଉଦ୍‌ଘାଟିତ



**ରେଙ୍ଗାଲି, ୧୧।୪(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଆଜି ଯୁବ ବିଜେଡି ନେତା ବିଶାଳ ଦାଶ ରେଙ୍ଗାଲି ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ ଗୁରୁ, ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ଜୋନ-୨ ଜିଲ୍ଲା ପରିଷଦ ସଭ୍ୟ ଦେବନାରାୟଣ ତିୱାରୀ, ଦେବେନ୍ଦ୍ର କିଶୋର ପତି, ସନ୍ତୋଷ ବର୍ମା, ଅମର ବାରିକ, ଟିକୁ ପଟ୍ଟନାୟକଙ୍କ ସହ ବହୁ ବିଜେଡି କର୍ମୀ ଉପସ୍ଥିତି ଥିଲେ।

# ରେଙ୍ଗାଲି ପ୍ରାର୍ଥୀ ସୁଦର୍ଶନଙ୍କୁ ଚାରିଆଡ଼େ ଭବ୍ୟ ସ୍ୱାଗତ

**ସମ୍ବଲପୁର, ୧୧।୪ (ସମିସ):** ରେଙ୍ଗାଲି ବିଧାନସଭାର ବିଜେଡି ବିଧାୟକ ପ୍ରାର୍ଥୀ ସୁଦର୍ଶନ ହରିପାଲଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଛି। ଦଳୀୟ କର୍ମୀ, ସାଧାରଣ ଜନତା ସ୍ୱାଗତ କରିବା ସହ ବିଜୟର ଆଶୀର୍ବାଦ ଦେଉଛନ୍ତି। ପରମାଣପୁର, ଠେମରା, ସିନ୍ଦୁରପଙ୍କ, ସେସୁଁଆତଳ ଛକରେ ବିପୁଳ ସ୍ୱାଗତ କରାଯାଇଥିଲା। ଶ୍ରୀ ହରିପାଲ ଧନକଉଡ଼ା ବ୍ଲକ ଅନ୍ତର୍ଗତ ବିଶାଲଖିଣ୍ଡ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ବୁଲି ଭୋଟ ଭିକ୍ଷା କରିବା ସହ କର୍ମୀଙ୍କ ବୈଠକ କରିଥିଲେ। ଆଗାମୀ ନିର୍ବାଚନରେ କିଭଳି ବିଜେଡି ବିପୁଳ ଭୋଟ୍ ବ୍ୟବଧାନରେ ବିଜୟୀ ହେବ ସେ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ବରିଷ୍ଠ ନେତା ହେମନ୍ତ ପଣ୍ଡାଙ୍କ ସମେତ ଜଗନ୍ନାଥ ନାଥ, କୁଶ ମହାନନ୍ଦ, ଜ୍ୟୋତି ବଢ଼େଇ, ବିନୋଦ ବାଗ, ଲକ୍ଷ୍ମୀ ନାରାୟଣ, ଅମିନ ବେହେରା, କାର୍ତ୍ତିକ ଷଣ୍ଢ, ମଣ୍ଟୁ ଅଗ୍ରୱାଲ, ରିଙ୍କୁ ପ୍ରଧାନ ଓ ଆଦିତ୍ୟ ବଡ଼େଇ ଉପସ୍ଥିତ ଥିଲେ। ଆଜି ମାନେଶ୍ୱର ବ୍ଲକ ଅନ୍ତର୍ଗତ ପରମାଣପୁର ପଞ୍ଚାୟତର ନୂଆଁମୁଣ୍ଡା ଛକସ୍ଥିତ ବଜରଙ୍ଗ ବଳୀ ମନ୍ଦିରରେ ଶ୍ରୀଶ୍ରୀଶ୍ରୀ



ବଜରଙ୍ଗ ବଳୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ଶ୍ରୀ ହରିପାଲ ଯୋଗଦେଇ ଆଶୀର୍ବାଦ ଭିକ୍ଷା କରିଥିଲେ। ସେଠାରୁ ପରମାଣପୁର ଛକରେ ଯାଇ ସେଠାରେ କିଛି ଲୋକଙ୍କୁ ସକ୍ଷାତ୍ କରିଥିଲେ। ତବଲା ପଞ୍ଚାୟତ ଅନ୍ତର୍ଗତ ସେରସୁଆଁତଲ୍ ଛକରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା ସେଭଳି କିଛି କର୍ମୀଙ୍କ ସହିତ ମହାନଗର ନିଗମ ଅନ୍ତର୍ଗତ ସିନ୍ଦୁରପଙ୍କ ଛକରେ କିଛି କର୍ମୀଙ୍କୁ ସାକ୍ଷାତ୍ କରି ନିର୍ବାଚନୀ ଆଲୋଚନା କରିଥଲେ।

# କୁଚିଣ୍ଡା ଷ୍ଟ୍ରଙ୍ଗରୁମ୍‌କୁ ପହଞ୍ଚିଲା ଇଭିଏମ୍

**କୁଚିଣ୍ଡା, ୧୧।୪(ସମିସ):** ଆଗାମୀ ସାଧାରଣ ନିର୍ବାଚନ ପାଇଁ କଡ଼ା ସୁରକ୍ଷାରେ କୁଚିଣ୍ଡା ନିର୍ବାଚନମଣ୍ଡଳୀର କୁଚିଣ୍ଡା ମହାବିଦ୍ୟାଳୟ ପରିସରରେ ରହିଥିବା ଷ୍ଟ୍ରଙ୍ଗରୁମ୍‌କୁ ୩୫୦ଇଭିଏମ ସହ ୩୮୦ ଭିଭିପାଟ୍ ପହଞ୍ଚିଛି। ସମସ୍ତ ଇଭିଏମ୍ ମେସିନଗୁଡ଼ିକୁ ଉପଖଣ୍ଡ ନିର୍ବାଚନ ଅଧିକାରୀ ତଥା କୁଚିଣ୍ଡା ଉପଜିଲ୍ଲାପାଳ ହେମସାଗର ଭୋଇ ଗ୍ରହଣ କରି ଷ୍ଟ୍ରଙ୍ଗ୍‌ରୁମ୍‌ରେ ସୁରକ୍ଷିତ ଅବସ୍ଥାରେ ରଖିଛନ୍ତି। କୁଚିଣ୍ଡା ଉପଜିଲ୍ଲାପାଳ ଶ୍ରୀ ଭୋଇ ଏବଂ ଡେପୁଟି କଲେକ୍ଟର ଭାସ୍କର ଚନ୍ଦ୍ର ବେହେରା, ବିଭିନ୍ନ ରାଜନୈତିକ



ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଇଭିଏମ୍ ମେସିନ ଗୁଡ଼ିକ ଯାଞ୍ଚପରେ ଷ୍ଟ୍ରଙ୍ଗ୍‌ରମ୍‌ରେ ରଖାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବ୍ଲକ କର୍ମଚାରୀ ଓ ଏନ୍ଏସି କର୍ମଚାରୀ ସହଯୋଗ କରିଥିଲେ।

# ଅବକାରୀ ଥାନା ହାଜତରୁ ସାପ ଉଦ୍ଧାର

**ବାମରା, ୧୧।୪(ସମିସ):** ଗୁରୁବାର ଅପରାହ୍ନରେ ବାମରା ଗୋବିନ୍ଦପୁର ଅବକାରୀ ଥାନାରେ ଥିବା ମହିଳା ହାଜତ ଭିତରେ ଏକ ସାପ ପଶି ବୁଲୁଥିବା ଦେଖାଯାଇଥିଲା। ଏଏସ୍ଆଇ ସମୀର କୁମାର ସ୍ୱାଇଁ ସ୍ଥାନୀୟ ସାପବନ୍ଧୁ ଭୀଷ୍ମ ସେଠଙ୍କୁ ଯୋଗାଯୋଗ



କରିଥିଲେ। ଭୀଷ୍ମ ସେଠ୍ ସାମ୍ବାଦିକ ରାଜା ଖାନଙ୍କ ସହଯୋଗରେ ପ୍ରାୟ ଅଧଘଣ୍ଟା ଯାଏଁ ପରିଶ୍ରମ କରି ସାପକୁ ଉଦ୍ଧାର କରି ନିକଟ ମୁଣ୍ଡାଢିପା ପତ୍ରା ଜଙ୍ଗଲରେ ଛାଡ଼ିଥିଲେ। ଅବକାରୀ ଥାନା ପଛପଟେ ଅନବନା ଗଛଲତା ଲାଗିଥିବାରୁ ଏକକାଣ୍ଡ ନାଳ ସାପ ପଶି ଆସିଥିଲା ବୋଲି ସାପ ଧରାଳି କହିଛନ୍ତି। ଏହି ସମୟରେ କେନ୍ଦ୍ର ଅଧିକାରୀ ପାର୍ବତୀ ବୁଢ଼ିଆ, ଷ୍ଟାଫ ଶ୍ୟାମ ଭୋଇ, ଆଲମା ଟିଗଗା ପ୍ରମୁଖ ଉପସ୍ଥିତ ଥିଲେ। ସୌଭାଗ୍ୟକୁ ଘଟଣା ସମୟରେ ଉକ୍ତ ମହିଳା ହାଜତ ଭିତରେ କେହି ବି ଅଭିଯୁକ୍ତ ନ ଥିଲେ, ନଚେତ କୌଣସି ଅଘଟଣ ଘଟିଥାନ୍ତା ବୋଲି ଆଲୋଚନା ହେଉଛି।

# ଡକାୟତି ଘଟଣା ଦୁଇ ଗିରଫ

**ରେଙ୍ଗାଲି, ୧୧।୪(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ରାମଚନ୍ଦ୍ର ନଗର ଏକ ଡକାୟତି ଘଟଣାରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ରେଙ୍ଗାଲି ଥାନା ଅନ୍ତର୍ଗତ ଝାରକୁଣ୍ଡ ଗ୍ରାମର ନବୀନ ଗର୍ଡ଼ିଆ ଶ୍ୟାମ ମେଟାଲିକ୍ସରୁ କାମସାରି ଘରକୁ ଫେରୁଥିବାବେଳେ ରେଙ୍ଗାଲି ଥାନା ଅନ୍ତର୍ଗତ ରାମଚନ୍ଦ୍ର ନଗର ଠାରେ ଶାସନ ଥାନା ଅନ୍ତର୍ଗତ କଲମୀ ଗ୍ରାମର ଶମ୍ଭୁ ନେଗି ଓ ଜମନକିରା ଥାନା ଅନ୍ତର୍ଗତ ମୁଢେନପାଲି ଗ୍ରାମର ଜଗବନ୍ଧୁ ନାଥ ଏକ କଳା ରଙ୍ଗ ପଲସର୍‌ରେ ଆସି ନବୀନଙ୍କୁ ଚକୁ ଦେଖାଇ ମୋବାଇଲ୍ ଲୁଟି ନେଇଥିଲେ। ପୁଲିସ୍ ଏକ ଡକାୟତି ମାମଲା ରୁଜୁ କରି ତଦନ୍ତ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଗାଁ ସାଥୀ ପରିବର୍ତ୍ତନ ପାଇଁ ବିଡ଼ିଓଙ୍କୁ ଦାବିପତ୍ର

**ବାମରା, ୧୧।୪(ସମିସ):** ବାମରା ବ୍ଲକ ବାଉଁଶଲଗା ପଞ୍ଚାୟତ ନୁନିଆଁମୁଣ୍ଡା(କିସାନପଡ଼ା) ଗାଁ ସାଥୀ ମଧୁସୂଦନ ମିଞ୍ଜ ହିତାଧିକାରୀଙ୍କୁ ନିୟମ ଅନୁଯାୟୀ କୌଣସି ସୂଚନା ଦେଉନାହାନ୍ତି କି ମନରେଗା ଯୋଜନାରେ ଗାଁ ଲୋକଙ୍କୁ ଅନ୍ତର୍ଭୁକ୍ତ କରୁନାହାନ୍ତି ବୋଲି ଅଭିଯୋଗ ହୋଇଛି। ଏଥିପାଇଁ ଗାଁର ଗରିବ ଆଦିବାସୀ ହିତାଧିକାରୀ ମାନେ ଉକ୍ତ ଯୋଜନାର ଲଭ ପାଇବାରୁ ବଞ୍ଚିତ ହେଉଛନ୍ତି। କେବଳ ସେତିକି ନୁହେଁ, ତାଙ୍କର ଜବକାର୍ଡ ମଧ୍ୟ ଅଚଳ ହୋଇପଡୁଛି। ଯଦ୍ୱାରା ସେମାନେ ଆର୍ଥିକ ଓ ସାମାଜିକ ଦୃଷ୍ଟିରୁ ସ୍ୱଚ୍ଛଳ ହୋଇପାରୁ ନହାନ୍ତି ବୋଲି ବିଡ଼ିଓଙ୍କୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଗ୍ରାମର ପବିତ୍ର ଛତ୍ରିଆ, ପ୍ରଶାନ୍ତ ବାଘ, ରାଜେଶ ବାଘ, ସସ୍ମିତା ପିଙ୍ଗ, ମନୋଜ ଧାନ, ତୁଳସା କିସାନ, ଜନ୍ମେଜୟ ପାନ୍ନା, ଜୟପ୍ରକାଶ ସେଉଲ, ପବନ ଲୁହା ସମେତ ଅନ୍ୟମାନେ ଉପସ୍ଥିତ ରହି ବିଡ଼ିଓ ପୁଷ୍ପକ ପ୍ରଧାନଙ୍କ ଅନୁପସ୍ଥିତିରେ ଏପିଓ ସୁଶ୍ରୀ ପରିଜାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଅତିଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି।



# ବାମରାରେ ‘ଇଦ୍ ପର୍ବ’ ପାଳିତ



**ବାମରା, ୧୧।୪(ସମିସ):** ଦୀର୍ଘ ଏକମାସ ଧରି କଠୋର ସାଧନା ସହ ସଂଯମ ରକ୍ଷା କରି ରମଜାନ ପାଳିବା ପରେ ଗୁରୁବାର ମୁସଲମାନ ସମ୍ପ୍ରଦାୟ ଭାଇଭଉଣୀ ହର୍ଷ ଉଲ୍ଲାସର ସହ ଇଦ୍ ପର୍ବ ପାଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ବାମରା ଷ୍ଟେସନବସ୍ତି ନୁରି ମସ୍‌ଜିଦ ତଥା ସିଶାଲ ଫାର୍ମପଡ଼ା ୟାସିନ୍ ମସ୍‌ଜିଦଠାରେ ଆନନ୍ଦ ଉଲ୍ଲାସର ସହ ଇଦ୍ ପାଳନ କରିଥିଲେ। ଭୋର୍‌ରୁ ମୁସଲମାନ ସମ୍ପ୍ରଦାୟ ସ୍ଥାନୀୟ ମସଜିଦରେ ଉପସ୍ଥିତ ରହି ସମୂହ ପ୍ରାର୍ଥନାରେ ଯୋଗଦେଇ ନମାଜ ପାଠ କରି ବିଶ୍ୱ ଭାତୃତ୍ୱ, ହିଂସା ଦ୍ୱେଷ ମୁକ୍ତ ପୃଥିବୀ ଗଠନ ପାଇଁ ସାମୁହିକ ପ୍ରାର୍ଥନା କରିଥିଲେ। ନୂରୀ ମସଜିଦର ମୌଲାନା ଅମୀର ନମାଜ ପାଠ କରାଇଥିବାବେଳେ ବରିଷ୍ଠ କର୍ମକର୍ତ୍ତା ଏମଡି ଅକ୍ତର, ୟୁସୁଫ୍ ଖାନ, କଲୁ ଖାନ, ଏମଡି ଅସଗର, ଶେଖ ଅହମଦ, ଏମଡି ଇସଫାକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଏମଡି ୱାସିମ, ଶେଖ ଜାବେଦ, ଏମଡି ସୋୟବ ସହଯୋଗ କରିଥିଲେ। ସେହିଭଳି ୟାସିନ ମସଜିଦରେ ମୌଲାନା ମୁସଲିମ ଅକ୍ତର ନମାଜ ପାଠ କରାଇଥିଲେ। ଏହି ଅବସରରେ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। କମିଟି ସଭାପତି ଏମଡି ତନବୀର ଅନସାରି, ସମ୍ପାଦକ ଦାନୀସ ରଜା, ଏମଡି ମିଷ୍ଟର, ଏମଡି ମୁସ୍ତାକ ଅନସାରି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦୁର୍ଗମ ମେଘପାଲ ଡାକ୍ତରଖାନାରେ ସମସ୍ୟା ଦୁର୍ବିସହ

ସମ୍ବଲପୁର,୧୧।୪(ସମିସ)

ଦୁର୍ଗମ ଅଞ୍ଚଳକୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେଉଛନ୍ତି। ତେବେ ପ୍ରଶାସନିକ ଅବହେଳା ତଥା ବିଭାଗୀୟ ଅବହେଳା ଯୋଗୁ ଅନେକ ସ୍ଥାନରେ ସରକାରଙ୍କ ପଦକ୍ଷେପ ସବୁ ବାଟବଣା ହୋଇଯାଉଛି। ସମ୍ବଲପୁର ଜିଲ୍ଲା ମେଘପାଳ ଆଦର୍ଶ ପଞ୍ଚାୟତରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥା ଦେଖିଲେ ବିଭାଗୀୟ ଅଣଦେଖା

## ଅସୁରକ୍ଷିତ ପରିବେଶ ଡାକ୍ତର ପଦ ଖାଲି

ସ୍ପଷ୍ଟ ବାରି ହେଉଛି। ଏହି ଆଦର୍ଶ ପଞ୍ଚାୟତର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକମାସ ହେଲା ଡାକ୍ତର ପଦ ଖାଲି ପଡ଼ିଛି। ଆୟୁଷ ଡାକ୍ତର, ଫାର୍ମାସିଷ୍ଟ ଓ ନର୍ସମାନେ ଡାକ୍ତରଙ୍କ ଦାୟିତ୍ୱ ତୁଲାଉଥିବା ଦେଖାଯାଉଛି। ରାଜ୍ୟ ସରକାର ଆଦିବାସୀବହୁଳ, ମାଓପ୍ରବଣ ଅଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ଅଧିକ ଗୁରୁତ୍ୱ ଦେଉଥିବାବେଳେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ଅବହେଳା ଓ ପରିଚାଳନାଗତ ତ୍ରୁଟି ଯୋଗୁଁ ଅଞ୍ଚଳବାସୀ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଜଣେ ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତ ରହିଥିଲେ ହେଲେ ତାଙ୍କ ବଦଳି ହୋଇଯାଇଛି। ବଦଳି ହେବାପରେ ଆଉ ନୂତନ ଡାକ୍ତର ନିଯୁକ୍ତି କରାଯାଉ ନାହିଁ। ମେଘପାଳ ଅଞ୍ଚଳ ଆଦିବାସୀବହୁଳ ଅଟେ। ଲୋକମାନେ ସ୍ୱାସ୍ଥ୍ୟପ୍ରତି ବିଶେଷ ଯତ୍ନବାନ ହୋଇ ନଥାନ୍ତି। ତେଣୁ କରି ମ୍ୟାଲେରିଆ, ସାଧାରଣ ଜ୍ୱର, କାଶ ଭଳି ରୋଗ ବ୍ୟାପିଥାଏ। ଏହା ସହ ଅନେକ ଜଟିଳ ରୋଗରେ ପୀଡ଼ିତ ହେଉଛନ୍ତି। ତେବେ ଡାକ୍ତରଙ୍କ ଅଭାବ ଯୋଗୁ ରୋଗୀମାନେ ଠିକ୍‌ଭାବେ ଚିକିତ୍ସା ସେବା ପାଇପାରୁ ନାହାନ୍ତି। ଏହି ପଞ୍ଚାୟତରେ ପ୍ରାୟ ୫ହଜାର ଲୋକ ବସବାସ କରୁଛନ୍ତି। ପ୍ରତିଦିନ ଡାକ୍ତରଖାନାକୁ ଅତିକମ୍‌ରେ ୫୦ଜଣ ରୋଗୀ ଚିକିତ୍ସା ପାଇଁ ଆସନ୍ତି। ତେବେ ଡାକ୍ତର ନ ଥିବାରୁ ସେମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। ଖାଲି ଏତିକି ନୁହେଁ ଏହି ଡାକ୍ତରଖାନାରେ ପାନୀୟ ଜଳ ସମସ୍ୟା ଲାଗିରହିଛି। ଡାକ୍ତରଖାନା ବାଉଣ୍ଡ୍ରୀ ନ ଥିବାରୁ ଅସୁରକ୍ଷିତ ଭାବେ ରୋଗୀମାନେ ରହୁଛନ୍ତି। କେବଳ ସମ୍ମୁଖ ପଟରେ ଏକ ଗେଟ ଲଗାଇ ଦିଆଯାଇଛି। ଷ୍ଟାଫ୍ କ୍ୱାଟର ରହିଛି। ହେଲେ ସବୁଆଡ଼େ ମେଲା ଥିବାରୁ କେହି ରହୁନାହାନ୍ତି। ଗଭୀର ନଳକୂପ ଅଛି ହେଲେ ଆବଶ୍ୟକ ପାଣି ବାହାରୁ ନାହିଁ। ପୂର୍ବରୁ ମେଘାପାଳ ଛକରେ ଥିବା ସିଆର୍‌ପିଏଫ୍ କ୍ୟାମ୍ପରୁ ପାଇପ୍ ଯୋଗେ ପାଣି ଯୋଗାଣ ହେଉଥିଲା। ହେଲେ ମୁଖ୍ୟ ରାସ୍ତା କାମ ହେବାରୁ ପାଇପ୍ ଖୋଲି କୁଆଡ଼େ ଫିଙ୍ଗି ଦିଆଯାଇଛି। ତେଣୁ ଜଳ ଯୋଗାଣ ବନ୍ଦ





ହୋଇଯାଇଛି। ଏବେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ଅତି ଦୁଃଖର ବିଷୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ରୋଗୀଙ୍କ ନିମନ୍ତେ ଏଠାରେ କୌଣସି ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯାଇ ନାହିଁ। ପୁରାତନ ଏକ ନଳକୂପ ଅଛି କିନ୍ତୁ ସେଥିରୁ ବ୍ୟବହାର ଅନୁପଯୋଗୀ କାଦୁଅ ପାଣି ବାହାରୁଛି। ଶୌଚାଳୟଟିଏ ମଧ୍ୟ ନାହିଁ ରୋଗୀ ତଥା ସମ୍ପର୍କୀୟ ଏଣେତେଣେ ଝାଡ଼ା, ପରିସ୍ରା କରୁଛନ୍ତି। ଆଖପାଖରେ ଆଉ ଡାକ୍ତରଖାନା ନାହିଁ। ଦୀର୍ଘ ୪୫ କିମି ଗଲେ ସଦର ଡାକ୍ତରଖାନା ରହିଛି। ରୋଗୀମାନେ ବାଧ ହୋଇ ଯାଉଛନ୍ତି ଏବଂ ‘ଧନ ହାନୀ ପ୍ରାଣ ପୀଡ଼ା’ ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ତଥା ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।

### ଅଦିନିଆ ବର୍ଷା ସାଜିଛି କାଳ

## ଫସଲ ସହିତ ଜଙ୍ଗଲଜାତ ଦ୍ରବ୍ୟ ନଷ୍ଟ

**ଦହିତା, ୧୧।୪ (ସମିସ):** ଚାଷୀ ପାଇଁ ବିପଦ ଆଣିଛି ଅଦିନିଆ ବର୍ଷା। ଘଡ଼ଘଡ଼ି ବର୍ଷା ସାଙ୍ଗକୁ କୁଆପଥର ମାଡ଼ ଚାଷୀଙ୍କ ଫସଲ ନଷ୍ଟ କରୁଛି। ଗତ ୪ଦିନ ହେବ ଲଗାଣ ବର୍ଷା ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି। କେବଳ ଫସଲ ନୁହେଁ ଗ୍ରାମାଞ୍ଚଳରେ ବସବାସ କରୁଥିବା ବହୁ ଲୋକ ତାଙ୍କର ରୋଜଗାର ଠପ୍ ହୋଇଯାଇଛି। ଗତ ମଙ୍ଗଳବାର ବିଳମ୍ବିତ ରାତିରୁ ଏହି ଅଦିନିଆ ବର୍ଷା ଆରମ୍ଭ ହୋଇଛି। ପଦ୍ମପୁର ବ୍ଲକର ବିଶେଷ କରି ଦହିଗାଁ, ଦହିତା, ବୁଡେନ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଗ୍ରାମାଞ୍ଚଳର ଜନ ସାଧାରଣ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରିଥାନ୍ତି। ମାତ୍ର ଏହି ଅଦିନିଆ ବର୍ଷା ସଂଗୃହିତ ହୋଇଥିବା ମହୁଲ ଫୁଲକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଥିବା କହିଛନ୍ତି ଦର୍ଲିଗୁଡ଼ା ଚାଷୀ ନିଳାମ୍ବର ସାହୁ, ପ୍ରହଲ୍ଲାଦ ସାହୁ, ପିଣ୍ଟୁ ପଧାନ ପ୍ରମୁଖ। ଅଦିନିଆ ବର୍ଷାରେ ତରଭୁଜ ଓ ମାଖନ ଚାଷ ମଧ୍ୟ ନଷ୍ଟ ହେବାରେ ଲାଗିଛି। ମାଖନ ଓ ତରଭୁଜ ପାଣିରେ ବୁଡ଼ି ରହିଥିବାରୁ ଏହା ହଳଦିଆ ପଡ଼ିଯିବା ଆଶଙ୍କା ଥିବାରୁ ମାଖନ ଚାଷୀ ବୁବୁଡ଼ା ଗ୍ରାମର ବୈଷ୍ଣବ ଖରସେଲ ଚିନ୍ତାଗ୍ରସ୍ତ ହୋଇ ପଡ଼ିଛନ୍ତି। ବହୁ କଷ୍ଟରେ ଚାଷ କରିଥିବା ବେଳେ ମାଖନ ଓ ତରଭୁଜ ପାଣିରେ ନଷ୍ଟ ହେବାରେ ଲାଗିଛି। ସରକାର ତୁରନ୍ତ ଅନୁଧ୍ୟାନ କରି ସହାୟତା ଯୋଗାଇଦେବାକୁ ଦାବି ହେଉଛି।

## ହିମାଚଳପ୍ରଦେଶକୁ ଚାଲାଣ ହେଉଥିବା ଲକ୍ଷାଧିକ ଟଙ୍କାର ଖଇର କାଠ ଜବତ, ଜଣେ ଗିରଫ

**ବରଗଡ଼, ୧୧।୪(ସମିସ)**

ବରଗଡ଼ ବନବିଭାଗ ଦ୍ୱାରା ହିମାଚଳ ପ୍ରଦେଶକୁ ଚାଲାଣ ହେଉଥିବା ଲକ୍ଷାଧିକ ଟଙ୍କା ମୂଲ୍ୟର ଖଇରକାଠ ଜବତ କରାଯିବା ସହ ଜଣେ ବ୍ୟକ୍ତିକୁ ଗିରଫ କରାଯାଇଛି। ସିଜି ୦୪ ଏଲବି ୮୭୦୬ ନମ୍ବର ଟ୍ରକ ଯୋଗେ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲିରୁ ବିପୁଳ ପରିମାଣର ଖଇରକାଠ ଚାଲାଣ ହେଉଥିବା ବେଳେ ବରଗଡ଼ ବନବିଭାଗ ତରଫରୁ ଅତାବିରା ନିକଟରୁ ଜବତ କରାଯାଇଥିଲା। ଉକ୍ତ ଟ୍ରକରେ ୧୮ ଟନ ଖଇରକାଠ ଥିବା ବେଳେ ତାର ଆନୁମାନିକ ମୂଲ୍ୟ ୧୮ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି।



ଜବତ କାଠ ଡୁଙ୍ଗୁରିପାଲିରୁ ସମ୍ବଲପୁର, ଝାରସୁଗୁଡା ଦେଇ ହିମାଚଳପ୍ରଦେଶକୁ ଚାଲାଣ ହେଉଥିବା ନେଇ ବନବିଭାଗ ତରଫରୁ ସୂଚନା ଦିଆଯାଇଛି। ଏ ନେଇ ବରଗଡ଼ ବନାଞ୍ଚଳ ତରଫରୁ ଏକ ମାମଲା ରୁଜୁ କରାଯାଇ ଖଇରକାଠ ସହ ଟ୍ରକକୁ ଜବତ କରାଯାଇଛି ଏବଂ ଡ୍ରାଇଭର ଅଶୋକ ମୁଡାଙ୍କୁ ଗିରଫ କରାଯାଇଛି। ସମ୍ବଲପୁର ବନମଣ୍ଡଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଟି. ଅଶୋକ କୁମାରଙ୍କ ନିର୍ଦ୍ଦେଶକ୍ରମେ ଏବଂ ବରଗଡ଼ ବନଖଣ୍ଡ ଅଧିକାରୀ ବିକ୍ରମଦେବ ପଟ୍ଟନାୟକଙ୍କ ତତ୍ୱାବଧାନରେ ଏହି ଚଢ଼ାଉ ହୋଇଥିବା ବେଳେ ବରଗଡ଼ ସହକାରୀ ବନ ସଂରକ୍ଷକ ରାଜେନ୍ଦ୍ର ଭୋଇ, ଅତାବିରା ବନପାଳ ଉଷେଶ୍ୱରୀ ପ୍ରଧାନ, ତୁରୁମ ବନପାଳ ଲୋକେଶ୍ୱର ଭୋଇ, ସମ୍ବଲପୁର ବନପାଳ ପି.କେ. ଧଳ, ବନରକ୍ଷୀ କିଶୋର କୁମାର ସେଠ ଚଢ଼ାଉରେ ସାମିଲ ଥିଲେ।

## ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ

**ପଦ୍ମପୁର, ୧୧।୪ (ସମିସ):** ପଦ୍ମପୁର ଉପ ଖଣ୍ଡ ଗାଇସିଲେଟ ଥାନା ତାଲପାଲି ବଜାର ପାଖରେ ଏକ ମଟର ସାଇକେଲ ଦୁର୍ଘଟଣାରେ ଜଣେ ଯୁବକ ମୃତ୍ୟୁ ବରଣ କରିଥିବା ବେଳେ ଜଣେ ଗୁରୁତର ହୋଇଥିବା ଜଣାଯାଇଛି। ଦୁଇ ଯୁବକ ବାଇକରେ ଆସୁଥିବା ବେଳେ ଭରସାମ୍ୟ ହରାଇ ଗଛରେ ପିଟି ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟ ଯୁବକଙ୍କୁ ଆମ୍ବୁଲାନ୍ସରେ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଚିକିତ୍ସାଳୟରେ ଜଣକୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଜଣକ ଗୁରୁତର ଥିବାରୁ ବୁର୍ଲା ସ୍ଥାନାନ୍ତରିତ କରାଯାଇଛି। ମୃତକ ହେଲେ ଖଇରପାଲି ଗ୍ରାମର ଜିତ ମେହେର ଏବଂ ଗୁରୁତର ଜଣକ ଜିତୁ କାମଲିଆ ବୋଲି ଜଣାପଡ଼ିଛି। ଉଭୟେ ଗାଇସିଲେଟରୁ କାମ ସାରି ନିଜ ଗାଁ ଖଇରପାଲିକୁ ବାଇକ ଓଡି ୧୭ ଏ ୮୮୭୪ରେ ଆସୁଥିବା ସମୟରେ ଦୁର୍ଘଟଣା ଘଟିଥିଲା। ପୁଲିସ ଏ ସଂକ୍ରାନ୍ତରେ ଏକ ମାମଲା ରଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକ ଭିକାରୀ ପଣ୍ଡାଙ୍କ ପରଲୋକ



**ପଦ୍ମପୁର ୧୧।୪ (ସମିସ):** ପଦ୍ମପୁର ରଜାପଡ଼ା ନିବାସୀ ଭିକାରୀ ଚରଣ ପଣ୍ଡା(୭୯)ଙ୍କ ପରଲୋକ ହୋଇଯାଇଛି। ଶିକ୍ଷକତା କରି ଅବସର ନେବାପରେ ସେ ଆଧ୍ୟାତ୍ମିକ, ସାମାଜିକ କାମରେ ନିଜକୁ ନିୟୋଜିତ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଧର୍ମପତ୍ନୀ ଅସର୍ପି, ପୁଅ ଶିଶିର, ଝିଅ ଦିବ୍ୟକାନ୍ତି, ଯାଜ୍ଞସେନୀ, ଜ୍ୱାଇଁ ନରେନ୍ଦ୍ର, ରୁକ୍ମଣ, ନାତି ଶ୍ରୀଓମ, ସୋମ, ନାତୁଣୀ ମୁନ୍ନ, ସୁନୁ ଉପସ୍ଥିତ ଥିଲେ। ସ୍ଥାନୀୟ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ଏକମାତ୍ର ପୁଅ ଶିଶିର ମୁଖାଗ୍ନି ଦେଇଥିଲେ।

## ପଦ୍ମପୁର ଆର୍‌ଏସ୍‌ଏସ୍‌ର ବର୍ଷ ପ୍ରତିପଦା ପାଳନ

**ପଦ୍ମପୁର, ୧୧।୪(ସିମିସ):** ପଦ୍ମପୁର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଚୈତ୍ର ଶୁକ୍ଳ ପ୍ରତିପଦାରେ ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ମୁରଲୀ ଧର ବେହେରା ବୌଦ୍ଧିକ ପ୍ରଦାନ କରିଥିଲେ। ଆଶିଷ କୁମାର ମିଶ୍ର ଓ ଅନ୍ତର୍ଯ୍ୟାମୀ ମେହେର ସଙ୍ଗୀତ ପରିବେଷଣ କରିଥିଲେ। ସୁଧାଂଶୁ ପତି ପ୍ରାର୍ଥନା ପରିଚାଳନା କରିଥିଲେ।

## ପ୍ରିୟମ୍ବଦାଙ୍କୁ ଚରକ କନ୍ୟା ସମ୍ମାନ

**ପଦ୍ମପୁର ୧୧।୪ (ସମିସ):** ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ଡା. ପ୍ରିୟମ୍ବଦା ରଥଙ୍କୁ ଚରକ କନ୍ୟା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଡା. ରଥ ବିଏଏମ୍ଏସ୍ ପ୍ରଥମ ବର୍ଷ ଠାରୁ ଶେଷ ବର୍ଷ ପର୍ଯ୍ୟନ୍ତ ପରୀକ୍ଷାରେ ଉଲ୍ଲେଖନୀୟ ନମ୍ବର ରଖି ସଫଳ ହୋଇଥିବାରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସେ ସଂସ୍କୃତ ଶିକ୍ଷକ ଆଶୁତୋଷ ରଥ ଓ ନମିତା ରଥଙ୍କ ସୁକନ୍ୟା ଅଟନ୍ତି। ଏହି ସଫଳତା ପାଇଁ ପରିଚାଳନା କମିଟି ସଭାପତି, ସଦସ୍ୟ, ଅଧ୍ୟାପକ ମାନଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।



## ନବପ୍ରଭାତ ବିଦ୍ୟାୟତନର ବାର୍ଷିକ ଉତ୍ସବ

**ପଦ୍ମପୁର, ୧୧।୪ (ସମିସ):** ରାଜବୋଡ଼ାସମ୍ବର ବ୍ଲକ ଅନ୍ତର୍ଗତ ନୂଆପାଲି ନବପ୍ରଭାତ ବିଦ୍ୟାୟତନର ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ସନ୍ଧ୍ୟା ପାଞ୍ଚଟାରୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବୈଦିକ ଯଜ୍ଞ ପୂର୍ବକ ବାର୍ଷିକ ଉତ୍ସବକୁ ଆରମ୍ଭ କରାଯାଇଥିଲା। ଅତିଥିମାନଙ୍କୁ ଶଙ୍ଖ, ଘଣ୍ଟ ଓ ମନ୍ତ୍ର ଧ୍ୱନି, ପୁଷ୍ପଗୁଚ୍ଛ ସହିତ ସ୍ୱାଗତ କରାଯାଇଥିଲା। ଉତ୍ସବରେ ସୁଜିତ ସାହୁ (ବରଗଡ଼)ମୁଖ୍ୟ ଅତିଥି, ତେଜରାଜ ସାହୁ, ପ୍ରେମାନନ୍ଦ ବାରିକ, ଡ. ଶିବଶଙ୍କର ଶାସ୍ତ୍ରୀ, ପ୍ରେମପ୍ରକାଶ ଶାସ୍ତ୍ରୀ, ପୁରନ୍ଦର ଶାସ୍ତ୍ରୀ ଓ ନବପ୍ରଭାତ ଆଶ୍ରମର ଅଧ୍ୟକ୍ଷ ଆଚାର୍ଯ୍ୟ ଭଗବାନ ଦେବ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ। ୨୦୨୩-୨୦୨୪ ଶିକ୍ଷା ବର୍ଷରେ ପ୍ରତ୍ୟେକ ଶ୍ରେଣୀର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସର୍ବାଧିକ ଉପସ୍ଥାନ ଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ମହାପାତ୍ରଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ମୃତିଶିଖା ପ୍ରଧାନ ଏବଂ ସୁଧାରାଣୀ ଦୋରା ମଞ୍ଚ ପରିଚାଳନା କରିଥିଲେ। ଦୀପକ କୁମାର ଭୋଇଙ୍କ ଦ୍ୱାରା ରଚିତ ଏବଂ ମାଧବସିଂ ବରିହାଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟିକା 'ଜୟ ଜବାନ ଜୟ କିଷାନ' ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ଶିକ୍ଷକ ତଥା ଶିକ୍ଷୟିତ୍ରୀ ମୁରାରୀ ଦୀକ୍ଷିତ, ପ୍ରବୀଣ ଦେବତା, ଦୁଷ୍ମନ୍ତ ପଧାନ, ନେତ୍ରାନନ୍ଦ ମହାପାତ୍ର, ପ୍ରବୀଣା ବାରଲ, ରଶ୍ମିତା ପଣ୍ଡା, ସୋନାଲି ମେହେର, ସୁନିତା ସାହୁ, ବର୍ଷା ଭୋଇ, ବିଜୟିନୀ ବିଶ୍ୱାଳ, ଲିଲି ଆଚାର୍ଯ୍ୟ, ରୀତୁସ୍ମିତା ଭୋଇ, ଲିମା ବାଗ, ଲିପା ପଧାନ,



ରଶ୍ମିରେଖା ଥାପା, ସେବତୀ ସାହୁ, ଯାଜ୍ଞସେନୀ ସାହୁ, ରତ୍ନା ନାୟକ, ଦେବାଶୀଷ ନାୟକ ସହଯୋଗ ପ୍ରଦାନ କରିଥିଲେ। ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅବିଭାବକ ଗଣ ଉପସ୍ଥିତ ଥିଲେ। ପରିଶେଷରେ ବିଦ୍ୟାଳୟ ପରିଚାଳକ ରବି ଶଙ୍କର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ଛାତ୍ରୀଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ଥିଲା।

## ଓଲଟିଲା ପିଚୁ ବୋଝେଇ ଟ୍ୟାଙ୍କର; ଯାତାୟାତ ବାଧାପ୍ରାପ୍ତ

**ବରଗଡ଼, ୧୧।୪(ସମିସ):** ବରଗଡ଼-ସୋହେଲା ଜାତୀୟ ରାଜପଥ ୫୩ ର ଚକରକେନ୍ଦ ନିକଟସ୍ଥ ପିକେଆଇଟି କଲେଜ ସମ୍ମୁଖରେ ଗୁରୁବାର ଅପରାହ୍ନରେ ଭାରସାମ୍ୟ ହରାଇ ଏକ ପିଚୁ ବୋଝେଇ ଟ୍ୟାଙ୍କର ଓଲଟି ପଡ଼ିଥିଲା। ଫଳରେ ରାସ୍ତା ଅବରୋଧ ହୋଇପଡ଼ିବା ସହ ଉକ୍ତ ରାସ୍ତାରେ ଯାତାୟତ ଠପ୍ ହୋଇ ପଡ଼ିଥିଲା। ସିଜି ୦୭ ଏନ ୯୮୦୦ ନମ୍ବରର ଟ୍ୟାଙ୍କର ଭିଲାଇରୁ ଝାରସୁଗୁଡ଼ାକୁ ପିଚୁ ନେଇ ଯାଉଥିବା ବେଳେ ପିକେଆଇଟି କଲେଜ ସମ୍ମୁଖରେ ରାସ୍ତା ମଝିରେ ଓଲଟି ପଡ଼ିଥିଲା। ଫଳରେ ରାସ୍ତାଟି ଅବରୋଧ ହୋଇଯିବା ସହ ଦୀର୍ଘ ସମୟ ଧରି ଯାତାୟତ ଠପ ହୋଇ ପଡ଼ିଥିଲା। ଖବର ପାଇ ସଦର ଥାନା ପୁଲିସ ଦୁର୍ଘଟଣା ଗ୍ରସ୍ତ ଟ୍ୟାଙ୍କର ହଟାଇବା ପରେ ରାସ୍ତା ଅବରୋଧ ହଟିଥିଲା। ଏହି ଦୁର୍ଘଟଣାରେ କେହି ହତାହତ ହୋଇ ନଥିବା ସୂଚନା ମିଳିଛି। ଟ୍ୟାଙ୍କରରେ ଥିବା ପିଚୁ ରାସ୍ତାରେ ବୋହି ଯାଇଥିବା ଦେଖିବାକୁ ମିଳିଥିଲା।



## ନିର୍ବାଚନକୁ ଆହୁରି ଦିନ ବାକି; ଧର୍ମାନୁଷ୍ଠାନରେ ପ୍ରାର୍ଥୀଙ୍କ ଭିଡ଼

**ବରଗଡ଼, ୧୧।୪(ସମିସ) :** ଚଳିତ ବର୍ଷ ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା ବହୁ ପୂର୍ବରୁ ହୋଇଥିବାରୁ ଏଥର ନିର୍ବାଚନ ଲଢ଼ିବାକୁ ଯାଉଥିବା ପ୍ରାର୍ଥୀମାନଙ୍କୁ ଯଥେଷ୍ଟ ଅଧିକ ସମୟ ମିଳିଛି ଏବଂ ଏହାର ପ୍ରଭାବରେ ପ୍ରାର୍ଥୀମାନେ ପ୍ରାରମ୍ଭିକ ପର୍ଯ୍ୟାୟରେ ଘରକୁ ଘର ଯାଇ ନିର୍ବାଚନ ପ୍ରଚାର କରିବା ପରିବର୍ତ୍ତେର କେବଳ ମନ୍ଦିର ବୁଲୁଥିବା ଦେଖାଯାଉଛି। ପୂର୍ବ ନିର୍ବାଚନ ମାନଙ୍କରେ ନିର୍ବାଚନର ବିଜ୍ଞପ୍ତି ଜାରି ହେବାର ଦିନେ ଦୁଇଦିନ ଆଗରୁ ପ୍ରାର୍ଥୀ ଘୋଷଣା କରାଯାଉଥିଲା। ତେଣୁ ଶେଷ ମୁହୂର୍ତ୍ତପର୍ଯ୍ୟନ୍ତ ପ୍ରାର୍ଥୀମାନେ ନିଜର ଟିକେଟ ନେଇ ନିଶ୍ଚିତ ହୋଇ ପାରୁ ନଥିଲେ। ଏହି କାରଣରୁ ଭୋଟ ପ୍ରଚାର ପାଇଁ ପ୍ରାୟ ତିନି ସପ୍ତାହ ସମୟ ମିଳୁଥିଲା। ଏଥର କିନ୍ତୁ ନର୍ବାଚନ ବିଜ୍ଞପ୍ତି ଘୋଷଣା ହେବାର ପ୍ରାୟ ୪୦ ଦିନ ପୂର୍ବରୁ ପ୍ରାର୍ଥୀ ଘୋଷଣା ଆରମ୍ଭ ହୋଇଯାଇଛି। ତେଣୁ ପ୍ରାର୍ଥୀମାନେ ପ୍ରାର୍ଥୀପତ୍ର ଦାଖଲ କରି ନ ଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ବୁଲୁଥିବାର ଦେଖାଯାଉଛି। ଏଥିରୁ ସବୁଠାରୁ ବେଶୀ ଧାର୍ମିକ ସ୍ଥଳୀଗୁଡିକୁ ଯାଇ ପୂଜାର୍ଚ୍ଚନା କରିବା ସହିତ ଭଗବାନଙ୍କ ଆର୍ଶୀବାଦ କାମନା କରୁଛନ୍ତି। ଏହି ସମସ୍ତ କାର୍ଯ୍ୟକ୍ରମରେ ପ୍ରା।ର୍ଥୀମାନଙ୍କ ସହିତ ତାଙ୍କ ପତ୍ନୀଙ୍କୁ ମଧ୍ୟ ଦେଖିବାକୁ ମିଳୁଛି। ନିଜର ସମର୍ଥକମାନଙ୍କ ସହ ସେମାନେ ବିଭିନ୍ନ ଅଞ୍ଚଳର ମନ୍ଦିରକୁ ଯାଇ ସେଠାରେ ବହୁ ସମୟ ରହିବା ସହିତ ପୂଜାର୍ଚ୍ଚନା କରୁଥିବା ଦେଖା ଯାଉଛି। ପ୍ରାର୍ଥୀମାନଙ୍କ ସୋସିଆଲ ମିଡିଆ ପୃଷ୍ଠାରେ ଅଧିକ ସଂଖ୍ୟାରେ ମନ୍ଦିର, ଯଜ୍ଞାନୁଷ୍ଠାନ ଗୁଡ଼ିକରେ ନେତାଙ୍କ ଫଟୋ ଅପଲୋଡ଼ ହୋଇଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ଚୈତ୍ର ନବରାତ୍ର ଚାଲୁଥିବାରୁ ମନ୍ଦିର ମାନଙ୍କରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଚାଲିଛି। ସେହିପରି ଗାଁ ଗାଁ ରେ ନାମଯଜ୍ଞମାନ ଆୟୋଜନ ହେଉଛି। ବରଗଡ଼ ଲୋକସଭା ଓ ବିଧାନସଭା ପାଇଁ ବିଜ୍ଞପ୍ତି ପାଇଁ ଆହୁରି ଦୁଇ ସପ୍ତାହରୁ ଅଧିକ ସମୟ ବାକି ଅଛି। ତେଣୁ ଆହୁରି କିଛି ଦିନ ପ୍ରାର୍ଥୀମାନଙ୍କର ଧାର୍ମିକ ସ୍ଥାନ ପରିଦର୍ଶନ ଜାରି ରହିବ ବୋଲି ଆଲୋଚନା ହେଉଛି।

## ବରଗଡ଼ରେ ଇଦ୍ ପାଳିତ



**ବରଗଡ଼, ୧୧।୪(ସମିସ):** ମୁସଲିମ ସମାଜ ପକ୍ଷରୁ ଶାନ୍ତି ମୈତ୍ରୀ ଭାଇଚାରାର ବାର୍ତ୍ତା ନେଇ ବରଗଡ଼ରେ ପବିତ୍ର ଇଦ ଉଲ ଫିତର ପର୍ବ ମହାସମାରୋହ ସହ ପାଳିତ ହୋଇଯାଇଛି। ଏହି ଅବସରରେ ବରଗଡ଼ ଡେମ କଲୋନୀ ସ୍ଥିତ ଇଦଗାହ ଠାରେ ଅଧ୍ୟକ୍ଷତାରେ ଇଦର ସାମୁହିକ ନମାଜ ପାଠ କରିଥିଲେ। ଏହି ଅବସରରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ବିଜେଡି ନଗର ସଭାପତି କିଶୋର ମିଶ୍ର ଯୋଗଦାନ କରି ସମସ୍ତ ମୁସଲିମ ଭାଇ ମାନଙ୍କୁ ଇଦ ଶୁଭେଚ୍ଛା ଜ୍ଞାପନ କରିଥିଲେ। ସେହିପରି



ସୁନ୍ନି ବରେଲବୀ ଜାମା ମସଜିଦ ଇମାମ ମୌଲାନା ସମସୁଦ୍ଦିନ ରିଜବିଙ୍କ ଅଧ୍ୟକ୍ଷତାରେ ଇଦ ଉଲ ଫିତରର ବିଶେଷ ନମାଜ ସାମୁହିକ ଭାବରେ ପାଠ କରାଯାଇଥିଲା। ନମାଜ ପାଠ ପରେ ବିଶ୍ୱ ଶାନ୍ତି ପାଇଁ ସାମୁହିକ ଦୁଆ ପାଠ କରା ଯାଇଥିଲା। ଏ ଅବସରରେ ସମସ୍ତେ ପରସ୍ପରକୁ ଆଲିଙ୍ଗନ କରି ଇଦ ପର୍ବର ଅଭିନନ୍ଦନ ଜଣାଇ ଥିଲେ। ମୁସଲିମ ସମାଜ ଦ୍ୱାରା ବିଗତ ରମଜାନ ମାସର ୩୦ ଦିନ ପର୍ଯ୍ୟନ୍ତ ଉପବାସ କିମ୍ବା ରୋଜା ରଖି ଇଦର ଜହ୍ନ ଦେଖିବା ପରେ ଇଦ ଉଲ ଫିତର ପାଳନ କରିବା ମାନ୍ୟତା ରହିଥିବା ବେଳେ ଗୁରୁବାର ସକାଳେ ମୁସଲିମ ସମାଜର ଛୋଟ ବଡ଼ ସମସ୍ତେ ନୂତନ ବସ୍ତ୍ର ପରିଧାନ କରି ଇଦଗାହ ଠାରେ ଏକତ୍ରିତ ହୋଇ ବରଗଡ଼ ଜାମା ମସଜିଦ ଇମାମ ମୌଲାନା ସମସୁଦ୍ଦିନ ରିଜବୀଙ୍କ ପୁଲିସ ପ୍ରଶାସନ ପକ୍ଷରୁ ଟାଉନ ଥାନାଧିକାରୀ ସତ୍ୟଜିତ୍ କାଣ୍ଡେଲକର ଉପସ୍ଥିତ ରହି ସମସ୍ତଙ୍କୁ ଇଦ୍ ଶୁଭେଚ୍ଛା ଜଣାଇଥିଲେ। ବରଗଡ଼ ମସଜିଦ କମିଟିର ସଦର ଶେଖ ଅସଗର, ସମ୍ପାଦକ ଏମଡି ନିଜାମ, ମହମ୍ମଦ ଆସ୍କାଲାନି, ଶେଖ ନଜିମୁଦ୍ଦିନ, ଏମଡି ବବଲୁ, ଶେଖ ନସିମୁଦ୍ଦିନ, ମହମ୍ମଦ ସଲିମ, ମହମ୍ମଦ ଅସଲମ, ମହମ୍ମଦ ମୁସ୍ତାକିମ, ନାସିର ଖାନ, ଜିଆଉଲ ହକ, ଏମଡି ଆଲାଉଦ୍ଦିନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଲୋକସଭା କଂଗ୍ରେସ ପ୍ରାର୍ଥୀ ସଞ୍ଜୟ ଭୋଇ ଜାମା ମସଜିଦରେ ପହଞ୍ଚି କରି ଇଦ ଉଲ ଫିତର ଶୁଭେଚ୍ଛା ଜଣାଇଥିଲେ। ବିଧାନସଭା କଂଗ୍ରେସ ବିଧାୟକ ପ୍ରାର୍ଥୀ ନିପନ ଦାଶ, ଭଟଲି ବିଧାନସଭା କଂଗ୍ରେସ ବିଧାୟକ ପ୍ରାର୍ଥୀ ବ୍ରହ୍ମା ମହାକୁଡ ଏଥିରେ ସାମିଲ ଥିଲେ।

## ୟୁଫୋରିଆ-୨୦୨୪ ଉଦ୍‌ଯାପିତ

**ବିଜେପୁର, ୧୧।୪(ସମିସ):** ରେଡିଏନ୍ସ୍ ଇନଷ୍ଟିଚ୍ୟୁଟର ବାର୍ଷିକୋତ୍ସବ 'ୟୁଫୋରିଆ-୨୦୨୪' ଉଦଯାପିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି କସ୍ତୁରୀ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚେୟାରମ୍ୟାନ ଅଜିତ କୁମାର ମେହେର ଓ ଅଧ୍ୟକ୍ଷ ଘନଶ୍ୟାମ ମେହେର, ସ୍କୁଲର ଅଧ୍ୟକ୍ଷା ମୋହିନୀ ମେହେର, ଏକାଡେମୀ ଡାଇରେକ୍ଟର ଗୋବିନ୍ଦ ମେହେର, ପ୍ରଶାସନିକ ନିର୍ଦ୍ଦେଶକ ନେତ୍ରାମଣୀ ମେହେର, ଇନଷ୍ଟିଚ୍ୟୁଟର ପରିଚାଳନା କମିଟିର ସଦସ୍ୟ ଦେବବ୍ରତ ମେହେର, ସଦସ୍ୟା ରାଜେଶ୍ୱରୀ ମେହେର ସଭାରେ ଯୋଗଦେଇଥିଲେ। ଉପାଧ୍ୟକ୍ଷ ସଞ୍ଜୟ ବାରିକ ମଞ୍ଚ ପରିଚାଳନା କରିଥିଲେ। ଠାକୁର ଚରଣ ମେହେରଙ୍କ ସ୍ମୃତିରେ ଗଢିଉଠିଥିବା ରେଡିଏନ୍ସ୍ ଶିକ୍ଷାନୁଷ୍ଠାନର ଏହି କାର୍ଯ୍ୟକ୍ରମରେ ରାଜମିସ୍ତ୍ରୀ କଳଦାର ପାତ୍ର, ସାମ୍ବାଦିକ ହିମାଂଶୁ ନନ୍ଦ, ସୁନିଲ ମିଶ୍ର, ନିରଞ୍ଜନ ତ୍ରିପାଠୀ, ଜିତେନ୍ଦ୍ର ମେହେର, ଫୋଟୋଗ୍ରାଫର ନରେନ୍ଦ୍ର ମେହେରଙ୍କ ସମେତ ବହୁ ବ୍ୟକ୍ତି ବିଶେଷଙ୍କୁ ଏଥିରେ ସମ୍ମାନିତ କରାଯାଇଥିଲା। ସଙ୍ଗୀତକାର ତଥା ସେବକ ସଞ୍ଜୀବ ଭୋସାଗର, ସଙ୍ଗୀତ ସାଧକ କୃଷ୍ଣଚନ୍ଦ୍ର ମେହେର ଏବଂ ତାଙ୍କଗ୍ରୁପଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।ଶେଷରେ ଓଡ଼ିଆ ଅଧ୍ୟାପକ ପ୍ରଫୁଲ୍ଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଅତି ସୁନ୍ଦର ଭାବରେ ଛାତ୍ରଛାତ୍ରୀ ମାନେ ପରିବେଷଣ କରିଥିଲେ। ହନୁମାନ ଚାଳିଶା ନୃତ୍ୟ ଯାହା ସମାଜକୁ ଏକ ନୂତନ ବାର୍ତ୍ତା ଦେବା ସହିତ ସମ୍ବଲପୁରୀ, ଓଡ଼ିଶୀ ନୃତ୍ୟ, ସୁମଧୁର ସଙ୍ଗୀତ ଛାତ୍ରଛାତ୍ରୀମାନେ ଗାନ କରିଥିଲେ।

## ବରପାଲି ଶୀତଳଷଷ୍ଠୀ ଯାତ୍ରା କମିଟିର ସାଧାରଣ ବୈଠକ



**ବରପାଲି, ୧୧।୪ (ସମିସ)**

ବରପାଲି ନୃପରାଜ କ୍ଲବ ଭଣ୍ଡାର ଗୃହ ପରିସରରେ ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ସର୍ବସାଧାରଣ ବୈଠକ ହୋଇଯାଇଛି। ସଭାପତି ଆନନ୍ଦ ବାବୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା କାର୍ଯ୍ୟର ପ୍ରାରମ୍ଭରୁ ପିନାକୀ ଦାଶ ଶିବସ୍ତୁତି ବନ୍ଦନା ଗାନ କରିଥିଲେ। ପରେ ବିଗତ ବର୍ଷରେ ଅନୁଷ୍ଠିତ ହୋଇଥିବା ଶିବ ବିବାହ ମହୋତ୍ସବର ବିବରଣୀ, ଆୟବ୍ୟୟ ସହ ସମସ୍ତ କାର୍ଯ୍ୟକ୍ରମର ବିଷୟ ବସ୍ତୁକୁ କମିଟି ସମ୍ପାଦକ ଜୟନ୍ତ କୁମାର ତ୍ରିପାଠୀ ସର୍ବସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଏହି ଅବସରରେ ସ୍ମରଣିକା ରୁଦ୍ରଜ୍ୟୋତିର ଆବାହକ ଅରୁଣ ପଣ୍ଡା ଚଳିତ ବର୍ଷ ରୁଦ୍ରଜ୍ୟୋତି ପ୍ରକାଶନ ସମ୍ବନ୍ଧରେ ମତ ଉପସ୍ଥାପନ କରିଥିଲେ। ଯାତ୍ରା ସମୟରେ ହେଉଥିବା ବିଭିନ୍ନ ଅସୁବିଧା ଯଥା ସଂକୀର୍ଣ୍ଣ ରାସ୍ତା, ହୀମାଦ୍ରି ନଗର ମଣ୍ଡପ ପର୍ଯ୍ୟାପ୍ତ ଆଲୋକ, ରାସ୍ତା ଘାଟ ମରାମତି ଏବଂ ଯାତ୍ରାକୁ ଆହୁରି କେମିତି ଲୋକାଭିମୁଖି କରାଯାଇ ପାରିବ ସେ ବିଷୟ ରେ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ପରେ ମହାପ୍ରଭୁ ଶ୍ରୀ ଶ୍ରୀ କପିଳେଶ୍ୱର ବାବାଙ୍କ ତିଳକ ଧାର୍ଯ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାରେ ଶୀତଳଷଷ୍ଠୀ କମିଟି ସମସ୍ତ ସଭ୍ୟ, ହିମାଦ୍ରୀ ନଗର ମାତା ପାର୍ବତୀ ବିବାହ ମହୋତ୍ସବ କମିଟି ସଭ୍ୟ, ବରପାଲିର ବିଭିନ୍ନ ଅନୁଷ୍ଠାନର ସଦସ୍ୟ ତଥା ଜନସାଧାରଣ ନିଜ ମତ ଦେଇଥିଲେ। ଶେଷରେ ଅଶୋକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଗଙ୍ଗାଧର ମହିଳା ସଂଘ ପକ୍ଷରୁ ସ୍ୱଭାବକବିଙ୍କ ଶ୍ରାଦ୍ଧ ଶତବାର୍ଷିକୀ

**ବରପାଲି, ୧୧।୪ (ସମିସ):** ବରପାଲି ଗଙ୍ଗାଧର ସ୍ମୃତି ଭବନ କମିଟୀ ପକ୍ଷରୁ ଆୟୋଜିତ ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ଅବସରରେ ଗଙ୍ଗାଧର ମେହେର ମହିଳା ସଙ୍ଘ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସଭା ପ୍ରାରମ୍ଭରେ ପୁଷ୍ପାଞ୍ଜଳି ମେହେରଙ୍କ ଦ୍ୱାରା ସ୍ୱାଗତ ସହ ପରିଚୟ ପ୍ରଦାନ ଏବଂ ଅତିଥି ମାନଙ୍କୁ କବିଙ୍କ ପ୍ରତିଛବିରେ ମାଲ୍ୟାର୍ପଣ ପାଇଁ ଆମନ୍ତ୍ରଣ କରାଯାଇଥିଲା। ସମାରୋହ ନିଖିଳ ଓଡ଼ିଶା ମେହେର ସମାଜ ସଭାପତି ବୈଶମ୍ପାୟନ ମେହେର ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଗଙ୍ଗାଧର ସାହିତ୍ୟ ଗବେଷିକା ଡ଼. ମଞ୍ଜୁଳିକା ନାଏକ ଗଙ୍ଗାଧର ଗୀତ ଗୁଡ଼ିକୁ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। ସୁକାନ୍ତି ମେହେରଙ୍କ ସଭାପତିତ୍ୱରେ ସାରସ୍ୱତ ସମାରୋହ ପରିଚାଳିତ ହୋଇଥିଲା। ଏହି ଅବସରରେ ଗଙ୍ଗାଧର ସାହିତ୍ୟ ଉପରେ ଅଙ୍କିତ ପେଣ୍ଟିଂ ପାଇଁ ୨୮ ଜଣ ଚିତ୍ରଶିଳ୍ପୀଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଗଙ୍ଗାଧର ମେହେର ମହିଳା ସଙ୍ଘ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା।

# କ୍ରେଡିଟ୍ କାର୍ଡ ଆକ୍ଟିଭ୍ କହି ଲକ୍ଷେ ନେଇଗଲେ

ସମ୍ବଲପୁର, ୧୧।୪(ସମିସ)

ସାଇବର ଠକେଇକୁ ରୋକିବା ନେଇ ପ୍ରଶାସନ ଲୋକଙ୍କୁ ବାରମ୍ବାର ସଚେତନତା କରୁଥିଲେ ମଧ୍ୟ ସାଇବର ଲୁଟେରାଙ୍କ ପ୍ରଲୋପରେ ଲୋକେ ପଡ଼ିଯାଉଛନ୍ତି। କୌଣସି ନା କୌଣସି ବାହାନା ଦେଖାଇ ବାରମ୍ବାର ସାଇବର ଲୁଟେରା ପାଇଁ ସାଧାରଣ ଲୋକଙ୍କୁ ଲୁଟି ଚାଲିଛନ୍ତି। ସବୁବେଳେ ନୂଆ ଉପାୟ ଅବଲମ୍ବନ କରି ସାଇବର କ୍ରାଇମ କରିବାକୁ ଚେଷ୍ଟା କରୁଛନ୍ତି। ସମ୍ବଲପୁର ସହରର ଜଣେ ଶିକ୍ଷିତ ଲୋକ ଆଜି ସାଇବର ଅପରାଧର ଶିକାର ହୋଇଛନ୍ତି। ସାଇବର ଲୁଟେରା ଅନ୍ତର୍ଜାତୀୟ ଟଙ୍କା ନେଣଦେଣ ପାଇଁ କ୍ରେଡିଟ୍ କାର୍ଡ ଆକ୍ଟିଭ କରିବାକୁ କହି ଲକ୍ଷେ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଅଇଁଠାପାଲି ଥାନାରେ ଅଭିଯୋଗ କରିଛନ୍ତି ଗୌନ୍ତିଆପଡ଼ା ନିବାସୀ ଦୀନେଶ କୁମାର ଜେନା। ଅଭିଯୋଗକ୍ରମେ, ଦୀନେଶଙ୍କ ପାଖକୁ ୮୯୫୩୯୮୩୮୩୫ ନମ୍ବରରୁ କଲ ଆସିଥିଲା। ଆପଣ କ୍ରେଡିଟ୍ କାର୍ଡ ବ୍ୟବହାର କରୁଛନ୍ତି। ଇଣ୍ଟର୍‌ନ୍ୟାସନାଲ ଟ୍ରାଞ୍ଜିକସନ ଆକ୍ଟିଭ ପାଇଁ ସମୟ ପାଖେଇ ଆସିଲାଣି। ତାହା ଆକ୍ଟିଭ କରିବା ଅତ୍ୟନ୍ତ ଆବଶ୍ୟକ। ନହେଲ କାର୍ଡଟି ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ ବୋଲି ଦୀନେଶଙ୍କୁ କହିଥିଲେ। ଆପଣଙ୍କୁ ନିଜର ସମସ୍ତ ଡକ୍ୟୁମେଣ୍ଟ ଭେରିଫିକସେନ କରିବାକୁ ପଡ଼ିବ। ଆମେ ଏକ ବ୍ୟାଙ୍କ ୱେବ୍‌ସାଇଟ୍ ଆପଣଙ୍କୁ ପ୍ରଦାନ କରିବୁ। ଉକ୍ତ ବ୍ୟାଙ୍କର ଅଫିସିଆଲ ସାଇଟ୍‌ରେ ଆପଣ ଡକ୍ୟୁମେଣ୍ଟ ଭେରିଫିକେସନ କରିନିଅନ୍ତୁ ବୋଲି ସାଇବର ଲୁଟେରା ପରାମର୍ଶ ଦେଇଥିଲା। ଯଦି ଏହା ନକରିବେ ତା'ହେଲେ ଲେଟ ଫାଇନ ଭାବେ ଅଧିକ ଟଙ୍କା ଆଗକୁ ଦେବାକୁ ହେବ ବୋଲି କହିଥିଲେ। ଦୀନେଶ ପରାମର୍ଶ ଅନୁଯାୟୀ ସେମାନେଙ୍କ ୱେବ୍‌ସାଇଟ ଖୋଲିଥିଲେ। ସାଇବର ଲୁଟେରାମାନେ ପୂର୍ବରୁ ଯୋଜନା କରି ଏକ ଫେକ୍ ବ୍ୟାଙ୍କ ୱେବ୍ ସାଇଟ୍ ତିଆରି କରିଥିଲେ। ଦୀନେଶ ଉକ୍ତ ଲିଙ୍କ ଖୋଲିବା ପରେ କ୍ରେଡିଟ୍ କାର୍ଡ ବ୍ୟବହାର କରୁଥିବା ନିର୍ଦ୍ଦିଷ୍ଟ ବ୍ୟାଙ୍କର ୱେବ୍ ସାଇଟ୍ ଖୋଲିଥିଲା। ଦୀନେଶଙ୍କୁ ସନ୍ଦେହ ହୋଇନଥିବାରୁ ସେ ଲୁଟେରାଙ୍କ ପରାମର୍ଶ ଅନୁଯାୟୀ ସମସ୍ତ ତଥ୍ୟ ପ୍ରଦାନ କରିଥିଲା। ହେଲେ ଦୀନେଶ ମୋବାଇଲକୁ ଓଟିପି ଆସି ଦୁଇଥର ଟଙ୍କା କଟି ଯାଇଥିଲା। ପ୍ରଥମ ଥର ଓଟିପି ଅଟୋ ଭେରିଫିକେସନ ହୋଇ ୫୦ ହଜାର ଓ ପରେ ୪୯୯୯୦ ଟଙ୍କା କଟିଯାଇଥିଲା। ପରେ ଦୀନେଶଙ୍କ ଅନ୍ୟ ଏକ କ୍ରେଡିଟ କାର୍ଡରୁ ୧ହଜାର ଓ ଫୋନ-ପେ ଆପ୍ ମାଧ୍ୟମରେ ୧୦୦ଟଙ୍କା କଟିଯାଇଥିଲା। ଦୀନେଶ ଘଟଣା ଘଟିବା ପରେ ଉକ୍ତ ନମ୍ବରେ ଯୋଗାଯୋଗ କରିଥିଲେ। ହେଲେ କୌଣସି ଉତ୍ତର ପାଇ ନଥିଲେ। ଲୁଟର ଶିକାର ହୋଇ ଗତକାଲି ଅଇଁଠାପାଲି ଥାନାରେ ଅଭିଯୋଗ କରିଥିଲେ। ଅଇଁଠାପାଲି ପୁଲିସ ୧୧୨/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସାଇବର ଠକେଇ ମାମଲା ସହରରେ ଦିନକୁ ଦିନ ବଢ଼ିଚାଲିଛି। ୨ଦିନ ତଳେ ଅଇଁଠାପାଲି ଥାନା ଅନ୍ତର୍ଗତ ବୁଢାରଜାର ଏକ ଯୁବତୀ ମଧ୍ୟ ସାଇବର ଠକେଇର ଶିକାର ହୋଇ ଥାନାରେ ଦ୍ୱାରସ୍ଥ ହୋଇଥିଲେ। ଓଟିପି ଦେଇ ସେ ୫୫ ହଜାର ଟଙ୍କା ଲୁଟର ଶିକାର ହୋଇଥିଲେ।

**ଅନ୍‌ଲାଇନ ଠକେଇର ନୂଆ ଫର୍ମୁଲା**
**ଫେକ୍ ବ୍ୟାଙ୍କ ୱେବ୍‌ସାଇଟ୍**




### ■ ବିହାରକୁ ଚାଲାଣ ହେଉଥିଲା ଗଞ୍ଜେଇ, ମାଡ଼ି ବସିଲା ପୁଲିସ

# ଅଟୋଚାଳକ ମାଷ୍ଟରମାଇଣ୍ଡ



ବୁର୍ଲା, ୧୧।୪(ସମିସ): ପଶ୍ଚିମ ଓଡ଼ିଶାରୁ ବିହାରକୁ ଚାଲାଣ ହେଉଥିଲା ଗଞ୍ଜେଇ। ଟ୍ରେନ୍ ଯୋଗେ ଠିକଣା ସ୍ଥାନରେ ପହଞ୍ଚିବା ପୂର୍ବରୁ ବୁର୍ଲା ପୁଲିସ ହାତରେ ଧରାପଡ଼ିଗଲା। ପ୍ରଥମେ ବୌଦ୍ଧ ତଥା ଫୁଲବାଣୀ ଅଞ୍ଚଳରୁ ଗଞ୍ଜେଇ ବୁର୍ଲାରେ ପହଞ୍ଚୁଥିଲା। ପରେ ତାହା ଟ୍ରେନ୍ ଯୋଗେ ବିହାର ଯାଉଥିଲା। ବୁର୍ଲାର ଅଟୋଚାଳକ ସାଜିଥିଲେ ମୁଖ୍ୟ କାର୍ପଟଦାର। ତେବେ ବିହାର ଚାଲାଣ ହେବା ପୂର୍ବରୁ ହୀରାକୁଦ ରେଳ ଷ୍ଟେସନ ନିକଟରୁ ଗଞ୍ଜେଇ ସବୁ ଧରାପଡ଼ିବା ସହ ୪ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସୂଚନା ଅନୁସାରେ ସମ୍ବଲପୁର ବୁର୍ଲା ଥାନା ଲକ୍ଷ୍ମୀପଡ଼ାର କରନ କହଁର ପେଶାରେ ଜଣେ ଅଟୋଚାଳକ।। ହେଲେ ବିହାରକୁ ଗଞ୍ଜେଇ ମାଫିଆଙ୍କ ସହ ଦୀର୍ଘଦିନ ହେବ ଚୋରାଚାଲାଣରେ ସମ୍ପୃକ୍ତ ଥିଲେ। ବୌଦ୍ଧ ତଥା ଫୁଲବାଣୀ ସମେତ ବିଭିନ୍ନ ଅଞ୍ଚଳରୁ କରନ ପାଖକୁ ଗଞ୍ଜେଇ ଆସୁଥିଲା। ବୁର୍ଲାରୁ ଗଞ୍ଜେଇ ଟ୍ରେନ ମାଧ୍ୟମରେ ବିହାର ଚାଲାଣ ହେଉଥିବା ପୁଲିସ ପାଖରେ ଖବର ପହଞ୍ଚିଥିଲା। ଏ ନେଇ ପୁଲିସ କରନ ଉପରେ ନଜର ରଖିଥିଲା। ଓଡି ୧୫ ଭି ୮୬୬୮ ନମ୍ବର ବିଶିଷ୍ଟ ଅଟୋରେ କରନ ପୁଣି ଗଞ୍ଜେଇ ଲଦି ହୀରାକୁଦ ରେଳ ଷ୍ଟେସନକୁ ନେଉଥିଲେ। ଏହାସହ ବିହାରରୁ ଆସିଥିବା ଅନ୍ୟ ଅଭିଯୁକ୍ତ ମଧ୍ୟ କରନ ସାଥିରେ ଥିଲେ। ପୁଲିସ ଅଟକାଇବାରୁ ଅଟୋରୁ ଗଞ୍ଜେଇ ମିଳିଥିଲା। ଅଧିକ ତଦନ୍ତ କରିବା ପରେ ପୁଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିହାର ପଶ୍ଚିମ ଚମ୍ପାରନର ସୁନିଲ କୁମାର (୨୬), ସୋନୁ କୁମାର (୨୧), ଲାଲ ବିହାରି (୩୮) ଓ ବୁର୍ଲାର କରନ କହଁର (୩୮)। ପୋଲିସ ଅଭିଯୁକ୍ତଙ୍କଠାରୁ ୪୨ କେଜି ୫୩୦ ଗ୍ରାମ ଗଞ୍ଜେଇ, ୪ଟି ମୋବାଇଲ, ୮୦୦ ଟଙ୍କା ଓ ଗୋଟିଏ ଅଟୋ ଜବତ କରିଛି।

### ସାମୂହିକ ନମାଜ ପାଠ, ପରସ୍ପରଙ୍କୁ ଶୁଭେଚ୍ଛା

# ବିଭିନ୍ନ ସ୍ଥାନରେ ଇଦ୍ ପାଳିତ



ସମ୍ବଲପୁର, ୧୧।୧୧(ସମିସ): ଆଜି ପବିତ୍ର ଇଦ୍-ଉଲ୍-ଫିତର୍ ସମ୍ବଲପୁରରେ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ପାଳନ ହୋଇଥିବାବେଳେ ଗ୍ରାମାଞ୍ଚଳରେ ମଧ୍ୟ ଇଦ ପାଳନ ହୋଇଥିଲା। ଇଦ୍‌ଗାହ ପରମ୍ପରା ଅନୁଯାୟୀ ଅନେକ ସ୍ଥାନରେ ଖୋଲାପଡ଼ିଆରେ ଶ୍ରଦ୍ଧାଳୁମାନେ ସମୂହ ପ୍ରାର୍ଥନା କରିଥିଲେ। ସମ୍ବଲପୁର ସହରରେ ଥିବା ବଡ଼ବଜାର ଓ ସକ୍ଷୀପଡ଼ା ଇଦ୍‌ଗାହାରେ ସାମୁହିକ ନମାଜ ପାଠ କରିଥିଲେ। ପରେ ୯ ଗୋଟି ମସଜିଦରେ ପର୍ଯ୍ୟାୟକ୍ରମେ ନମାଜ ପାଠ ହୋଇଥିଲା।



ରମଜାନ ମାସ ପୂରଣ ହେବାପରେ ଆଜି ଇଦ୍ ପାଳନ କରିଥିଲେ। ମସ୍‌ଜିଦରେ ଇସଲାମ ଧର୍ମାବଲମ୍ବୀଙ୍କ ଗହଳି ଲାଗି ସମୂହ ନମାଜ ପାଠ ହୋଇଥିଲା। ମାସେ ଧରି ରମଜାନ ପାଳନ ପରେ ତ୍ୟାଗର ଏହି ପର୍ବ ପାଳନ କରିଥିଲେ ଇସଲାମ ଧର୍ମାବଲମ୍ବୀ। ନମାଜ ପାଠ ପରେ ପରସ୍ପରକୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ସହରରେ ପ୍ରାୟ ୯ଟି ମସ୍‌ଜିଦରେ ଇଦ୍ ବଳିଦାନର ଏହି ପର୍ବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ସମ୍ବଲପୁର ପୁଲିସ ଓ ଏସ୍‌ଏମ୍‌ସି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମସ୍‌ଜିଦ୍‌ଗୁଡ଼ିକରେ ମୌଲବୀମାନେ ନମାଜ ପାଠ କରାଇଥିଲେ। ଏହି ଅବସରରେ ମୁସଲମାନ୍ ସମ୍ପ୍ରଦାୟର ଲୋକମାନେ ଆଲ୍ଲାଙ୍କ ଉଦ୍ଦେଶ୍ୟରେ ଗରିବ ଲୋକଙ୍କୁ ବିଭିନ୍ନ ସାମଗ୍ରୀ ଦାନ କରୁଥିବା ଦେଖିବାକୁ ମିଳିଥିଲା।

# ସମ୍ବଲପୁରରେ ପ୍ରଥମ ପର୍ଯ୍ୟାୟରେ ଖୋଲିଲା ୫୦ ଜଳଛତ୍ର

ସମ୍ବଲପୁର, ୧୧।୪(ସମିସ): ଏଇ କିଛିଦିନ ସମ୍ବଲପୁରରେ ପାଗ ଭଲ ଥିଲେ ମଧ୍ୟ ଆଗକୁ ଖରାର ପ୍ରକୋପ ଅତିମାତ୍ରାରେ ବଢ଼ିବା ନେଇ ଆଶଙ୍କା କରାଯାଇଛି। ପାଣିପାଗ ବିଭାଗ ସୂଚନା ଅନୁସାରେ ଏପ୍ରିଲ ମାସ ପ୍ରଥମ ସପ୍ତାହରୁ ସମ୍ବଲପୁର ଜିଲ୍ଲାରେ ୪୦ଡିଗ୍ରୀରୁ ଅଧିକ ତାପମାତ୍ରା ରହୁଛି। ରାଜ୍ୟସାରା ଲୋକ ତାତିରେ ସିଝୁଛନ୍ତି। ଦିନ ବଢ଼ିବା ସହ ତାତି ମଧ୍ୟ ଲୋକଙ୍କୁ ଡରେଇବାରେ ଲାଗିଛି। ଆଗକୁ ଆହୁରି ତାପମାତ୍ରା ବଢ଼ିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଗତ କିଛିଦିନ ହେଲା ରାଜ୍ୟର ବିଭିନ୍ନ ଜିଲ୍ଲାରେ ପାରଦ ୪୦ଡିଗ୍ରୀ ପାର କରିସାରିଛି। ସହରରେ ଟାଣଖରା ଯୋଗୁଁ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଲୋକଙ୍କୁ ଖରାଦାଉରୁ ରକ୍ଷା ପାଇବା ପାଇଁ ଛକଗୁଡ଼ିକରେ ପାନୀୟଜଳ ବ୍ୟବସ୍ଥା କରାଯାଇଥାଏ। ଖରା ଏପ୍ରିଲ ମାସରୁ ବଢ଼ିଥିଲେ ମଧ୍ୟ ସହରରେ ପ୍ରଶାସନ ଜଳଛତ୍ର ଖୋଲିନିଥିଲା। ବିଳମ୍ବରେ ହେଲେ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ ସହରର ଛକ ଓ ରାସ୍ତାପାଖରେ ପଥିକଙ୍କ ପାଇଁ ପାନୀୟଜଳ ବ୍ୟବସ୍ଥା ହୋଇଛି। ସମ୍ବଲପୁର ମହାନଗ ନିଗମ ଅଞ୍ଚଳରେ ଏସ୍‌ଏମ୍‌ସି ଦ୍ୱାରା ଏହା ପରିଚାଳତ ହେଉଛି। ଆଜିଠାରୁ ଏସ୍‌ଏମ୍‌ସିର ବିଭିନ୍ନ ଛକରେ ୫୦ଟି ଜଳଛତ୍ର ଖୋଲା ହୋଇଥିବା ସୂଚନା ମିଳିଛି। ସମ୍ବଲପୁର ମହାନଗର ନିଗମର ୪୧ଟି ୱାର୍ଡର ବିଭିନ୍ନ ଛକ ଓ ରାସ୍ତା କଡ଼ରେ ପଥିକଙ୍କୁ ପାନୀୟଜଳ ଦେବା ପାଇଁ ପ୍ରତିବର୍ଷ ଜଳଛତ୍ର ଏପ୍ରିଲ ୧୫ ତାରିଖରୁ ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବାରୁ ଏସ୍‌ଆର୍‌ସି ଜଳଛତ୍ର ଶୀଘ୍ର ଖୋଲିବାକୁ କହିଥିଲେ। ଏଥିପାଇଁ ଏସ୍‌ଏମ୍‌ସି ପକ୍ଷରୁ ଗତ କାଲି ଜଳଛତ୍ରର ବ୍ୟବସ୍ଥା କରାଯାଇଛି। ସମ୍ବଲପୁର ସହରରେ ୧୮ଟି, ବୁର୍ଲା ଓ ହୀରାକୁଦରେ ୯ଟି, ମାନେଶ୍ୱରେ ୧୪ଟି ଜଳଛତ୍ର ଖୋଲାଯାଇଛି। ଏହି ସବୁ ଜଳଛତ୍ର ଏକ ଘରୋଇ ଠିକା ସଂସ୍ଥା ଦ୍ୱାରା ପରିଚାଳିତ ହେଉଛି। ସହରର ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡ଼ିକରେ ସ୍ଥାୟୀ ଭାବରେ ଅମୃତ ଧାରା ମଧ୍ୟ ତିଆରି ହୋଇଛି।



# ନୂଆ ଭୋଟରଙ୍କ ସହ ଆଲୋଚନା କଲେ କେନ୍ଦ୍ରମନ୍ତ୍ରୀ



ସମ୍ବଲପୁର, ୧୧।୪(ସମିସ): ସରକାର ଗଠନରେ ନୂଆ ଭୋଟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ଭୋଟ୍ ନେତା ବାଛିବାରେ ନିର୍ଣ୍ଣାୟକ ହୋଇଥାଏ। ବିକଶିତ ଭାରତର ସ୍ୱପ୍ନ ଓ ଆକାଂକ୍ଷା ପାଇଁ ଥିବା ମାର୍ଗ ପ୍ରଶସ୍ତ କରିଥାଏ ବୋଲି ଗୁରୁବାର ସମ୍ବଲପୁର ଅଇଁଠାପାଲିର ବଡ଼ପଡ଼ାରେ ନୂଆ ଭୋଟରଙ୍କ ସହ ଆଲୋଚନା କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆ ଭୋଟରଙ୍କୁ ଶୁଭେଚ୍ଛା ଜଣାଇବା ପ୍ରଥମ ଥର ପାଇଁ ଭୋଟ୍ ଦେବାକୁ ନେଇ ସେମାନଙ୍କ ମଧ୍ୟରେ ଥିବା ଉତ୍ସୁକତା ଦେଖି ମତେ ବହୁତ ଖୁସି ଲାଗୁଛି ବୋଲି କହିଥିଲେ।

# ହିଣ୍ଡାଲ୍‌କୋ ଆନୁକୂଲ୍ୟରେ ଜାତୀୟ ସୁରକ୍ଷିତ ମାତୃ ଦିବସ ପାଳିତ



ହୀରାକୁଦ, ୧୧।୪(ସମିସ): ହୀରାକୁଦ ହିଣ୍ଡାଲକୋ ପରିପାର୍ଶ୍ୱିକ ଉନ୍ନୟନ ବିଭାଗ ତରଫରୁ ଆଜି ଲରିଆପଡ଼ା ଅଙ୍ଗନବାଡ଼ି କେନ୍ଦ୍ରରେ ଜାତୀୟ ସୁରକ୍ଷିତ ମାତୃ ଦିବସ ପାଳନ କରାଯାଇଥିଲା। ଏହି ଉପଲକ୍ଷେ ଅଞ୍ଚଳର ବହୁ ମହିଳା, ଗର୍ଭବତୀ ମା, କିଶୋରୀ ବାଳିକା ଉପସ୍ଥିତ ଥିଲେ। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନଶୈଳୀ ଏବଂ ଖାଦ୍ୟପାନୀୟ ବ୍ୟବସ୍ଥାରେ ଗର୍ଭବତୀ ମହିଳାମାନଙ୍କ ଉପରେ ପଡୁଥିବା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରଭାବ ଏବଂ ଏହାର ପ୍ରତିକାର ଉପରେ ହିଣ୍ଡାଲ୍‌କୋ ଭ୍ରାମ୍ୟମାଣ ଚିକିତ୍ସା ବିଭାଗର ଡା. ହିମାଂଶୁ ସିଂ ଓ ଫାର୍ମାସିଷ୍ଟ ସୌରଭ ନାୟକ ସଚେତନ କରାଇଥିଲେ। ହିଣ୍ଡାଲ୍‌କୋ ପରିପାର୍ଶ୍ୱିକ ଉନ୍ନୟନ ବିଭାଗର ପରିଚାଳକ ଆନନ୍ଦ ଚକ୍ରବର୍ତ୍ତୀ ସ୍ୱାସ୍ଥ୍ୟ ହିଁ ସମ୍ପଦ ତେଣୁ ସ୍ୱାସ୍ଥ୍ୟର ଯତ୍ନ ନେବା ସହିତ ମା'ମାନେ ସରକାରୀ ଡାକ୍ତରଖାନା କିମ୍ବା ଅନ୍ୟ ସୀକୃତିପ୍ରାପ୍ତ ଡାକ୍ତରଖାନାରେ ପ୍ରସବ କରିବା ଦରକାର ବୋଲି କହିଥିଲେ। ସରୋଜ ଆଚାର୍ଯ୍ୟ, ସନ୍ତୋଷ କୁମାର ତ୍ରିପାଠୀ, ମିଳନ କୁମାର ସାହୁ ଏବଂ ନିକଟସ୍ଥ ଗ୍ରାମବାସୀର ମହିଳା, ଯୁବତୀ, ଆଶା କର୍ମୀ ତଥା ଅଙ୍ଗନବାଡି କର୍ମୀ ଅଂଶଗ୍ରହଣ କରିଥିଲେ। ହିଣ୍ଡାଲକୋର ଏହି ସଚେତନତା କାର୍ଯ୍ୟକ୍ରମକୁ ଅଞ୍ଚଳର ମହିଳାମାନେ ପ୍ରଶଂସା କରିବା ସହ ଏହା ଆଗକୁ ଜାରି ରଖିବାକୁ ଆଗ୍ରହ ପ୍ରକାଶ କରିଥିଲେ।

# ସୁରକ୍ଷାବଳୟରେ ଗଲା ଇଭିଏମ୍

ସମ୍ବଲପୁର, ୧୧।୧୧(ସମିସ): ସାଧାରଣ ନିର୍ବାଚନ ପାଇଁ ପ୍ରଶାସନ ପୂରା ପ୍ରସ୍ତୁତି କରୁଛି। ଆଜି ଇଭିଏମ୍ ମେସିନଗୁଡ଼ିକ ବିଧାନସଭା ଅନ୍ତର୍ଗତ ଷ୍ଟ୍ରଙ୍ଗ୍‌ରୁମ୍‌କୁ ପଠାଯାଇଛି। ଜିଲ୍ଲା ମୁଖ୍ୟ ଷ୍ଟ୍ରଙ୍ଗ୍‌ରୁମ୍‌ରୁ ଗାଡ଼ି ଯୋଗେ କଡ଼ା ସୁରକ୍ଷାବଳୟରେ ରେଙ୍ଗାଲି ଓ ସମ୍ବଲପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ଷ୍ଟ୍ରଙ୍ଗରୁମକୁ ପଠାଯାଇଥିଲା। ପୂର୍ବରୁ ବାମରା ଓ କୁଚିଣ୍ଡାକୁ ଇଭିଏମ୍ ସ୍ଥାନାନ୍ତରିତ ହୋଇସାରିଛି। ଷ୍ଟ୍ରଙ୍ଗରୁମରେ କଡ଼ା ସୁରକ୍ଷା ବ୍ୟବସ୍ଥାରେ ରଖାଯାଇଛି। ସୂଚନାଯୋଗ୍ୟ, ସାଧାରଣ ନିର୍ବାଚନ ତାରିଖ ଘୋଷଣା ହେବା ପରେ ଜିଲ୍ଲା ପ୍ରଶାନ ନିର୍ବାଚନକୁ ନେଇ ବାରମ୍ବାର ପରିଚାଳନା ସମ୍ପର୍କିତ ବୈଠକ କରୁଛି। ସମ୍ବଲପୁର ଜିଲ୍ଲାରେ ୪ଗୋଟି ବିଧାନସଭା ରହିଛି। ରେଙ୍ଗାଲି, କୁଚିଣ୍ଡା, ରେଢ଼ାଖୋଲ ଓ ସମ୍ବଲପୁର ବିଧାନସଭା ରହିଛି। ସ୍ଥାନୀୟ ଉପଜିଲ୍ଲାପାଳ ତଥା ନୋଡାଲ ଅଧିକାରୀମାନଙ୍କ ଦାୟିତ୍ୱରେ ଏହି ଷ୍ଟ୍ରଙ୍ଗରୁମ୍ ଗୁଡିକ ରହିଛି। ନିର୍ବାଚନ ଫଳାଫଳ ଘୋଷଣା ପର୍ଯ୍ୟନ୍ତ କଡ଼ା ସୁରକ୍ଷାରେ ଇଭିଏମ ଗୁଡିକ ରହିବ।



# ଯୁବକଙ୍କୁ ମାଡ଼ପିଟ୍ ଅଭିଯୋଗ

ସମ୍ବଲପୁର, ୧୧।୪(ସମିସ): ଗୋପାଳମାଳ ନିବାସୀ ସୁଭମ ତ୍ରିପାଠୀ ନିଜ ଘରକୁ ଗଲାବେଳେ ତାଙ୍କୁ କେତେକ ଲୋକ ମାଡ଼ପିଟ କରିଥିବା ଅଇଁଠାପାଲି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ, ଗତକାଲି ସୁଭମଙ୍କୁ ଗୋପାଳମାଳ ଛକରେ ଦାନୀପାଲି ମୁଣ୍ଡାପଡ଼ାର ବିଶାଳ ଖଡ଼ିଆ, ବିଶାଳ କଲେତ, ମୋଟୁ ମୁଣ୍ଡାଙ୍କ ସହ କେତେଜଣ ଅଟକାଇଥିଲେ। ଝଗଡ଼ା ଆରମ୍ଭ କରି ଗାଳିଗୁଲଜ ମଧ୍ୟ କରିଥିଲେ। ପରେ ମାଡ଼ପିଟ ସହ ଜୀବନରୁ ମାରିଦେବା ଧମକ ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

# ବିଚାରମଞ୍ଚ ପକ୍ଷରୁ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର, ୧୧।୪(ସମିସ): ପଶ୍ଚିମ ଓଡ଼ିଶାର ମହାନ୍ ସ୍ୱାଧିନତା ସଂଗ୍ରାମୀ ତଥା ବିପ୍ଳବୀ ନେତା ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ଜୟନ୍ତୀ ଉତ୍ସବରେ ସହରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସମ୍ବଲପୁର ବିଚାର ମଞ୍ଚ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଉପଲକ୍ଷେ ବିଚାରମଞ୍ଚର ଆବାହକ ବେଣୁଧର ଦାଶଙ୍କ ନେତୃତ୍ୱରେ ସ୍ଥାନୀୟ ଚର୍ଚ୍ଚଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ଧୂପ, ଦୀପ ପ୍ରଜ୍ୱଳନ କରାଯାଇ ସ୍ମୃତିଚାରଣ କରାଯାଇଥିଲା। ସାମ୍ରାଜ୍ୟବାଦୀ ବ୍ରିଟିଶ ଶାସନର କ୍ରୁର କବଳରୁ ଦେଶମାତୃକାର ମୁକ୍ତି ପାଇଁ ନିଜର ସମସ୍ତ ସୁଖ, ସ୍ୱାଚ୍ଛନ୍ଦ୍ୟକୁ ଶ୍ରଦ୍ଧାଞ୍ଜଳି ଦେଇ ଏହି ବିପ୍ଳବୀ ନେତା ଦୀର୍ଘ ୧୭ବର୍ଷ ଧରି କାରାବରଣ କରି ଅସୀମ ତ୍ୟାଗର ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ଓଡ଼ିଶା ଇତିହାସରେ ଏହା ବିରଳ ବୋଲି ଆବାହକ ବେଣୁଧର ଦାସ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶୀତଳ ଷଷ୍ଠୀ ଯାତ୍ରା ମିଳିତ ସମନ୍ୱୟ କମିଟିର କାର୍ଯ୍ୟକାରୀ ସଭାପତି ଅମୂଲ୍ୟ ମିଶ୍ର, ବୀରେନ୍ଦ୍ର ରଏ, ଦେବାନନ୍ଦ ଭୋସାଗର, ପ୍ରଦୋଷ ମହାନ୍ତି, ଅନ୍ନପୂର୍ଣ୍ଣା ବାରିକ, ରୁନୁ ପ୍ରଧାନ, ଦୁର୍ଗା ମାଧବ ମିଶ୍ର, ଦିଲିପ କୁଅଁର, ଅରୁଣ ଦାସ, ସଞ୍ଜୟ ବର୍ମା, ଶିବ ବେହେରା, ମହେଶ ଶର୍ମା, ଦିବ୍ୟ ରଞ୍ଜନ ମିଶ୍ର, ମୋହନ ଦାଶ, କିଶୋର ମୁଣ୍ଡା, ସଞ୍ଜିବ ବେହେରା ପ୍ରମୁଖ ବହୁ ସାମାଜିକ କର୍ମୀ ଅଂଶଗ୍ରହଣ କରିଥିଲେ।




# ପ୍ରସନ୍ନ ଏବଂ ରୋହିତଙ୍କ ପ୍ରାର୍ଥିତ୍ୱକୁ ବୁର୍ଲାରେ ସ୍ୱାଗତ





ବୁର୍ଲା, ୧୧।୪(ସମିସ)

ସମ୍ବଲପୁର ଏବଂ ରେଢ଼ାଖୋଲ ବିଧାନସଭା କ୍ଷେତ୍ର ପାଇଁ ବିଜେଡି ପକ୍ଷରୁ ପ୍ରସନ୍ନ ଆଚାର୍ଯ୍ୟ ଏବଂ ରୋହିତ ପୂଜାରୀଙ୍କୁ ପ୍ରାର୍ଥୀ ଭାବରେ ରାଜ୍ୟ ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଘୋଷଣା କରିଛନ୍ତି। ଏହାପରେ ବୁର୍ଲା ବିଜେଡି କର୍ମୀମାନେ ବାଣ ଫୁଟାଇ, ମିଷ୍ଟାନ୍ନ ବାଣ୍ଟି ଖୁସି ମନାଇଥିଲେ।

ସମ୍ବଲପୁର ସଂସଦୀୟ କ୍ଷେତ୍ର ୭ଟି ନିର୍ବାଚନ ମଣ୍ଡଳୀ ସମ୍ବଲପୁର, ରେଢ଼ାଖୋଲ, କୁଚିଣ୍ଡା, ରେଙ୍ଗାଲି, ଦେବଗଡ଼, ଆଠମଲ୍ଲିକ, ଛେଣ୍ଡିପଦା ନେଇ ଗଠିତ ହୋଇଥିବାବେଳେ ବିଜେଡି ପକ୍ଷରୁ ପ୍ରଣବ ପ୍ରକାଶ ଦାସଙ୍କ ନାମ ସାଂସଦ ପାଇଁ ପ୍ରାର୍ଥୀ ଭାବେ ଘୋଷଣା ହୋଇଥିବାରୁ ତାଙ୍କୁ ମଧ୍ୟ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ବୁର୍ଲା ବିଜେଡି କର୍ମୀମାନଙ୍କ ତରଫରୁ ପେଟ୍ରୋଲ ପମ୍ପ ଛକଠାରେ ବିଜେଡି ବରିଷ୍ଠ ନେତା ପ୍ରଦୀପ କୁମାର ମିଶ୍ରଙ୍କ ନେତୃତ୍ୱରେ ବହୁ ସମର୍ଥକମାନେ ବାଣ ଫୁଟାଇ, ମିଠା ବଣ୍ଟନ କରି ଘୋଷଣାକୁ ସ୍ୱାଗତ କରିବା ସହ ବିଜେଡିର ସୁନିଶ୍ଚିତ ବିଜୟ ପାଇଁ ପ୍ରତିଜ୍ଞା କରିଥିଲେ। ଏଥିରେ ବିଜୁ ଜନତା ଦଳର ବରିଷ୍ଠ ନେତା ପ୍ରଫୁଲ୍ଲ କୁମାର ନାୟକ, ଲାଲ ମୋହନ ମହାନ୍ତି, କ୍ରିଷ୍ଣା ରେଡି, ଦେବେନ୍ଦ୍ର ପ୍ରଧାନ, ଲକ୍ଷ୍ମୀ ମହାନ୍ତି, କିଶୋର ଦେବତା, ରାଜୁ ଭୋଇ, ଶାନ୍ତନୁ ଭୋଇ, ବୁଲୁ ପାଣିଗ୍ରାହୀ, କାଳିଆ ମହାନ୍ତି, ଗୌତମ ବେହେରା, ଶ୍ୟାମ ନାୟକ, ପିଣ୍ଟୁ ରାଓ, ସୁବୋଧ ଦାସ, ମନୋଜ ଲୁହା, ଫିରୁ ରାଉତ, ବିନୋଦ ମେହେର, ସୁରଜ ବାଦୀ, ସୁନୀଲ ବେହେରା, ଭରତ ମେହେର, ଲୋଚନ ପ୍ରଧାନ, ରାକେଶ ବାଡେରା, ରାକେଶ ବିଶ୍ୱାସ, ଦିଜ ରାଉତ, ନବ ରାଉତ, ସୁରେନ୍ଦ୍ର ଗୁପ୍ତା, ନରେନ୍ଦ୍ର ଗୁପ୍ତା, ଝୁମ୍ପୁ ପଣ୍ଡା, ଗୋକୁଳି ରାଉତ, ବଳି ଗଉଡ଼, ଶାନ୍ତିଲତା କର, ରୁନୁ ନାୟକ, ସୁନିତା ଛେତ୍ରୀ, ସୁନିତା ସୁନା, ଅର୍ପିତା ଭଦ୍ର, ରୁକ୍ମିଣୀ ଗଣ୍ଡ, ଅଭୟ ପଢ଼ି, ଟିକୁ ମିଶ୍ର, ସୁବୋଧ ଦାସ, ବିରେନ୍ଦ୍ର ମହାପାତ୍ର, ସୂର୍ଯ୍ୟକାନ୍ତ ସ୍ୱାଇଁ, ଶଙ୍କର ପ୍ରସାଦ, ଶଙ୍କର ରେଡ୍ଡି, ଧିରୁ ନିଖଣ୍ଡିଆ, ସୁଶାନ୍ତ ଭୋଇ, ଶ୍ରଦ୍ଧାକର ନାୟକଙ୍କ ସହ ବହୁ ବିଜେଡି କର୍ମୀ, ବୁଦ୍ଧିଜୀବୀ, ବ୍ୟବସାୟୀ, ଛାତ୍ର ଏବଂ ସାଧାରଣ ଜନତା ଉପସ୍ଥିତ ଥିଲେ।

**ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା**

## ଯୁବକଙ୍କୁ ଗାଳିଗୁଲଜ ସହ ଆକ୍ରମଣ

**ବ୍ରଜରାଜନଗର, ୧୧।୪(ସମିସ):** ବ୍ରଜରାଜନଗର ଥାନା ୨ ନମ୍ବର ଠାକୁରପଡ଼ାସ୍ଥିତ ଟାଉନ ସ୍ପେଶାଲ ରେଷ୍ଟୁରେଣ୍ଟ ନିକଟରେ ଜଣେ ଯୁବକଙ୍କୁ କେତେକ ଯୁବକ ଅଟକାଇ ଗାଳିଗୁଲଜ କରିବା ସହିତ ମରଣାନ୍ତକ ଆକ୍ରମଣ କରିଛନ୍ତି। ଇବ୍ ପିଟ୍ ଅଞ୍ଚଳର ବିକାଶ ପ୍ରସାଦ ଏହି ଆକ୍ରମଣର ଶିକାର ହୋଇଛନ୍ତି। ସନ୍ଧ୍ୟାରେ ସେ ଘରକୁ ଫେରୁଥିବା ସମୟରେ ଓପିଏମ୍ କଲୋନୀର ବିଶାଳ ବାଗ, ଅଭୟପୁରର ଚନ୍ଦନ ସିଂହ ଏବଂ ଅନ୍ୟମାନେ ଅଟକାଇ ଗାଳିଗୁଲଜ ସହ ମାଡ଼ ମାରିଥିଲେ। ବିକାଶ ପ୍ରତିବାଦ କରିବାରୁ ତଳେ କଚାଡି ସମସ୍ତେ ମିଶି ବାରମ୍ବାର ମାଡ଼ ମାରିବା ସହିତ ବିଅର ବୋତଲରେ ଆକ୍ରମଣ କରିଥିଲେ। ଘଟଣା ପରେ ରାସ୍ତାରେ ଯିବା ଆସୁଥିବା କିଛି ବ୍ୟକ୍ତି ଆସିବାରୁ ସମସ୍ତେ ସେଠାରୁ ଚାଲିଯାଇଥିଲେ। ତେବେ ଗତ ମାସରେ ମଧ୍ୟ ବିଶାଳଙ୍କୁ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା।

## ମସିନିତାରେ କଂଗ୍ରେସର ପ୍ରଚାର

**ଦେବଗଡ଼, ୧୧।୪(ସମିସ):** ବାରକୋଟ ବ୍ଲକ ସିଂହଶାଳ ପଞ୍ଚାୟତର ମସିନିତାରେ ଜିଲ୍ଲା କଂଗ୍ରେସ ନିର୍ବାଚନୀ ପ୍ରଚାର ସହ କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ବଣ୍ଟନ କରିଛି। ଏହି ଉପଲକ୍ଷେ ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରାମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ରମେଶ ଚନ୍ଦ୍ର ପାତ୍ର, ଶ୍ରୀତମ ସାହୁ, ଗୁଣନିଧି ବେହେରା ଓ ଦେବେନ୍ଦ୍ର ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

**ଝାରସୁଗୁଡ଼ା, ୧୧।୪(ସମିସ):** କୋଲାବିରା ଥାନା ଅଧୀନ ବଡ଼ବାହାଲ ସମାସିଂହା ରାସ୍ତାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକ ଅଏତାପାଲି ଗ୍ରାମର ଅର୍ଜୁନ ବନଛୋର। ଅର୍ଜୁନ ଏକ ବାଇକ୍ ଯୋଗେ ବଡ଼ବାହାଲ ସମାସିଂହା ରାସ୍ତାରେ ଯାଉଥିବା ସମୟରେ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଏହା ଫଳରେ ସେ ରାସ୍ତାକଡ଼ରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଅର୍ଜୁନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ କୋଲାବିରା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଅଙ୍ଗନବାଡ଼ି ତାଲା ଭାଙ୍ଗି ଚୋରି

**ଝାରସୁଗୁଡ଼ା, ୧୧।୪(ସମିସ):** ଲଇକେରା ଥାନା ବାଗଡ଼ିହି ଫାଣ୍ଡି ଅଧୀନ ଡୁମ୍ବାଡ଼ିହି ଆଙ୍ଗନବାଡ଼ି କେନ୍ଦ୍ରରୁ ଚୋରି ହୋଇଛି। ଗୁରୁବାର ସକାଳେ ଆଙ୍ଗନବାଡ଼ି କର୍ମୀ ବୈଦେହୀ କିସାନ ଯାଇ ଆଙ୍ଗନବାଡ଼ି କେନ୍ଦ୍ର ଖୋଲିବାରୁ କେନ୍ଦ୍ରର ତାଲା ଭାଙ୍ଗାଯାଇ ଏକ ଏଲଇଡ଼ି ଟିଭି, ସୋଲାର ବ୍ୟାଟେରୀ, ୨ଟି ଗ୍ୟାସ୍ ସିଲିଣ୍ଡର ଚୋରି ହୋଇଥିବା ଦେଖିଥିଲେ। ଏହାପରେ ସେ ବାଗଡ଼ିହି ଫାଣ୍ଡିରେ ଅଭିଯୋଗ କରିଛନ୍ତି।

## ବାଇକ୍ ଚୋର ଦଳ ଗିରଫ

**ଝାରସୁଗୁଡ଼ା, ୧୧।୪(ସମିସ):** ଝାରସୁଗୁଡ଼ା ଟାଉନ ଥାନା ପୁଲିସ ଏକ ବାଇକ ଚୋରଦଳକୁ ଗିରଫ କରିଛି। ଚୋର ଦଳର କିଙ୍ଗପିନ୍ ସ୍ଥାନୀୟ ସରବାହାଲର ବୋଲି କୁହାଯାଉଥିବା ବେଳେ ତା ସହିତ ଆଉ ୪ଜଣଙ୍କୁ ପୁଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ୨୦ରୁ ଅଧିକ ବାଇକ୍ ଜବତ ହୋଇଛି। ତେବେ ତଦନ୍ତରେ ବାଧା ଆଶଙ୍କାରେ ପୁଲିସ ଏ ବିଷୟରେ ସବିଶେଷ ତଥ୍ୟ ଦେଇନାହିଁ।

# ଶେଷ ନିଶ୍ୱାସ ନେଉଛି କୌଳିକ ବୃତ୍ତି

**ଝାରସୁଗୁଡ଼ା, ୧୧।୪(ସମିସ)**

ଶିଳ୍ପ ସହର ଝାରସୁଗୁଡ଼ା ଅନେକ ଲୋକଙ୍କୁ ରୋଜଗାର ଯୋଗାଇଛି। ବାହାର ରାଜ୍ୟରୁ ଆସି ଲୋକେ ବିଭିନ୍ନ ଶିଳ୍ପ ସଂସ୍ଥାରେ କାମକରି ରୋଜଗାର କରୁଛନ୍ତି। କରୋନା ମାଡ଼ରେ ଅନେକ କୌଳିକ ବୃତ୍ତି ଏବେ ଶେଷ ନିଶ୍ୱାସ ନେବାରେ ଲାଗିଛି। ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ସହରାଞ୍ଚଳରେ ଥିବା ଏମିତି ଏକ ଗାଁ; ଯେଉଁଠି ସମସ୍ତ ସହରୀ ଚାକଚକ୍ୟରୁ ଦୂରେ ରହି ଗରିବ ମଣିଷ ମାଟି ସହିତ ମାଟି ହେବାକୁ ବାଧ ହେଉଛି। ସମସ୍ତ ମୌଳିକ ସୁବିଧାରୁ ବଞ୍ଚିତ ଏଠିକାର ଅଦିବାସୀମାନେ ନିଜ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି। ବେଲପାହାଡ଼ ପୌରାଞ୍ଚଳର ମହିଯୋର ମାହାରପଡ଼ାରେ ବାଉଁଶ ପାଛିଆ, କୁଲା, ଛିଟନା, ଭୁଗଲି ଚଟେଇ ତିଆରି କରୁଥିବା ମାହାର ପରିବାର (ବତରା) ଦଶନ୍ଧି ଦଶନ୍ଧି ଧରି ବାସ କରିଆସୁଥିଲେ ହେଁ ଏମାନେ ସାମାଜିକ ଚାକଚକ୍ୟରୁ ଦୂରରେ ରହିଛନ୍ତି। ଏହି ବାଉଁଶ କାମ କରିବା ଏହି ପଡ଼ାବାସୀଙ୍କ ଏକାମାତ୍ର ରୋଜଗାର ପନ୍ଥା। କରୋନା ପାଇଁ ହେଇଥିବା ଲକ୍ ଡାଉନରେ ଏହି କାରିଗରମାନଙ୍କ କୌଳିକ ବୃତ୍ତି ଏବେ ମରିବାରେ ଲାଗିଛି। ବେଲପାହାଡ଼ ସୀତାରାମ ପାହାଡ଼ ତଳେ ଥିବା ଏହି ମାହାରପଡ଼ାରେ ରହିଆସୁଥିବା ୧୧ଟି ମାହାର ପରିବାର ଏକମାତ୍ର ରୋଜଗାରର ପନ୍ଥା ହେଉଛି ଏହି ବାଉଁଶ କାରିଗରି। ଦିନକୁ ଦିନ ସୀତାରାମ ପାହାଡ଼ରରେ ବାଉଁଶ ସରିଯାଉଛି। ଏଣୁ ଏମାନେ ସୁନ୍ଦରଗଡ଼ ଜିଲ୍ଲା ହେମଗିରି ଅଞ୍ଚଳରୁ ବାଉଁଶ କିଣୁଛନ୍ତି। ଦିନରାତି ପରିବାରର ସମସ୍ତେ ମିଶି ବାଉଁଶ ସାମଗ୍ରୀ ତିଆରି କଲେ ମଧ ଦୈନିକ ୧୫୦ ଟଙ୍କା ମିଳୁନି ବୋଲି ମଣିନ୍ଦ୍ର ରାୟ କହିଛନ୍ତି। ପୂର୍ବରୁ ବଜାର ହାଟକୁ ନେଇ ଏମାନେ ବାଉଁଶ ସାମଗ୍ରୀ ବିକ୍ରି କରୁଥିଲେ। ସେଥିରେ ଏହି ବତରା ପରିବାରଙ୍କୁ ବେଶ୍ ଦୁଇ ପଇସା ମିଳୁଥିଲା। କରୋନା ପାଇଁ ବାହାଘର ସହିତ ଅନ୍ୟାନ୍ୟ ପର୍ବ ପବାଣୀ ବନ୍ଦ ହୋଇଯିବାରୁ ଏହି ମାହାର ପରିବାର ହାତ ମଧ ବନ୍ଦ ହୋଇଯାଇଛି। ଅବଶ୍ୟ ଚାଉଳ ମିଳିଯାଉଛି। କିନ୍ତୁ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ସହିତ କାହାର ଦେହ ଖରାପ ହେଲେ ଟଙ୍କାଟିଏ ମଧ ନାହିଁ ବୋଲି ନବୀନ ଡୁମଲିଆ କହିଛନ୍ତି। ନୂତନ ପିଢ଼ି ଏହି ବାଉଁଶ କାମ କରିବାକୁ ଅମଙ୍ଗ ହେଉଛନ୍ତି। ଏହି କାମରେ ବହୁତ କମ୍ ଟଙ୍କା ମିଳୁଥିବାରୁ ଏମାନେ ପିଲାଙ୍କୁ ବାଧ କରୁନାହାନ୍ତି।



ବ୍ରଜରାଜନଗର କାଗଜକଳ ତିଆରି ହେବା ସମୟରେ ବିର୍ଲା କମ୍ପାନୀ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଲାଉମାଲ ଅଞ୍ଚଳରୁ ଏହି ମାହାର ପରିବାରକୁ ଆଣି ସୀତାରାମ ପାହାଡ଼ ତଳେ ବସ୍ତି ସ୍ଥାପନ କରି କମ୍ପାନୀ ପାଇଁ ବାଉଁଶ କାଟିବା କାମରେ ନିୟୋଜିତ କରିଥିଲା। ଏମାନେ ଓରିଏଣ୍ଟ କାଗଜକଳ ପାଇଁ ବାଉଁଶ କାଟିବା ସହ କୁଲା ପାଛିଆ ତିଆରି କରି ବେଶ୍ ଦୁଇ ପଇସା ରୋଜଗାର କରିପାରୁଥିଲେ; କିନ୍ତୁ ଓରିଏଣ୍ଟ କାଗଜକଳ ବନ୍ଦ ହେବାପରେ ଏମାନଙ୍କ ରୋଜଗାର ପନ୍ଥା ଚିରଦିନ ପାଇଁ ବନ୍ଦ ହୋଇ ଯାଇଥିଲା। ଏହା ଫଳରେ ଏହି ମାହାର ପରିବାର କୌଳିକ ବୃତ୍ତି ହିଁ ଏକମାତ୍ର ରୋଜଗାରର ପନ୍ଥା ପାଲଟିଛି। ପିଲାମାନେ ୩ କିଲୋମିଟର ଦୂରରେ ଥିବା ଜୁନାଡ଼ିହି ସ୍କୁଲକୁ ଯାଉଛନ୍ତି। ଏମିତି ଅନେକ ଅବ୍ୟବସ୍ଥାରେ ଏଠିକାର ଅଧିବାସୀମାନେ ଜୀବନ ଯାପନ କରୁଥିବା କନ୍ତସାଗର ଡୁମଲିଆ, ଗଣେଷ ରାୟ ପ୍ରମୁଖ ଅଭିଯୋଗ କରିଛନ୍ତି।

### ଶାନ୍ତି କମିଟି ବୈଠକ

## ରାମନବମୀରେ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ ମନା

**ଝାରସୁଗୁଡ଼ା, ୧୧।୪ (ସମିସ):** ଝାରସୁଗୁଡ଼ାରେ ଅନୁଷ୍ଠିତ ହେବାକୁ ଥିବା ରାମନବମୀ ପାଇଁ ଜିଲ୍ଲାପାଳ ଅବୋଲୀ ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ରାମନବମୀ ଉତ୍ସବ ସମୟରେ କୌଣସି ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ ହେବନି ବୋଲି ନିର୍ଦ୍ଦେଶ ଦିଆଯାଇଛି। ସାମ୍ପ୍ରଦାୟିକ ସଦ୍ଭାବ ବଜାୟ ରଖିବା ସହ ଭାଇଚାରା ମଧ୍ୟରେ ଶାନ୍ତି ଶୃଙ୍ଖଳାର ସହିତ ଉତ୍ସବ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ଆଖଡ଼ା କମିଟିମାନେ ଧାର୍ଯ୍ୟ ସମୟ ଅନୁଯାୟୀ ଶୋଭାଯାତ୍ରା ପରିଚାଳନା କରିବାକୁ ବୈଠକରେ ପରାମର୍ଶ ଦିଆଯାଇଛି। ଧାର୍ଯ୍ୟ ପରିଧି ଭିତରେ ରହି ଡାକବାଜି ତଥା ଡିଜେ ବ୍ୟବହାର କରିବେ। ଶୋଭାଯାତ୍ରା ସମୟରେ କୌଣସି ଉତ୍ତେଜନାମୂଳକ ସ୍ଲୋଗାନ ଦିଆଯିବନି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଆଖଡ଼ା କମିଟିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଖରାଦିନ ହୋଇଥିବାରୁ କମିଟିଗୁଡ଼ିକ ସ୍ଥାନେ ସ୍ଥାନେ ପାଣି ଓ ଓଆରଏସ୍ ବ୍ୟବସ୍ଥା ମଧ କରିବେ। ଶୋଭାଯାତ୍ରା ସମୟରେ ଉକ୍ତ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ଅବ୍ୟାହତ ରଖିବାକୁ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଥାନାସ୍ତରରେ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯିବ। ଚଳିତ ବର୍ଷ ନିର୍ବାଚନ ଥିବାରୁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀର ଅନୁପାଳନର ଆବଶ୍ୟକତା ରହିଛି ବୋଲି ଉଭୟ ଜିଲ୍ଲାପାଳ, ଏସ୍‌ପି ସ୍ମିତ ପି ପରମାର ସୂଚାଇ ଦେଇଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରବୀର ନାୟକ, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଓ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର, ପୌର ପାଳିକାର ନିର୍ବାହୀ ଅଧିକାରୀ, ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ସମ୍ପ୍ରଦାୟର ନେତୃ ସ୍ଥାନୀୟ ବ୍ୟକ୍ତି, ୧୭ଟି ଆଖଡ଼ା କମିଟିର ସଦସ୍ୟ ବୈଠକରେ ଉପସ୍ଥିତ ଥିଲେ।

**ଶୋଭାଯାତ୍ରା ସମୟରେ କୌଣସି ଉତ୍ତେଜନାମୂଳକ ସ୍ଲୋଗାନ ଦିଆଯିବନି**

## ସଦଭାବନାର ପର୍ବ ଇଦ୍-ଉଲ୍-ଫିତର୍ ପାଳିତ

**ରମଜାନ ମାସ ଶେଷ**

**ଝାରସୁଗୁଡ଼ା, ୧୧।୪(ସମିସ):** ପବିତ୍ର ରମଜାନ ମାସର ଶେଷ ଦିବସରେ ପବିତ୍ର ଇଦ୍-ଉଲ୍-ଫିତର ପର୍ବ ପାଳନ କରାଯାଇଛି। ଶାନ୍ତି ଓ ସଦଭାବନାର ପର୍ବ ଇଦ୍-ଉଲ୍-ଫିତରକୁ ଜିଲ୍ଲାରେ ଇସଲାମୀୟ ଧର୍ମାବଲମ୍ବୀମାନେ ହସଖୁସିରେ ପାଳନ କରିଛନ୍ତି। ଅନ୍ୟ ଧର୍ମର ଲୋକେ ଏହି ଅବସରରେ ମୁସଲମାନ ଭାଉ ଭଉଣୀମାନଙ୍କୁ ଇଦ୍ ମୁବାରକ (ଶୁଭେଚ୍ଛା) ଜଣାଇଛନ୍ତି। ବିଭିନ୍ନ ସ୍ଥାନରେ ଇଦ୍ ମିଳନର ଆୟୋଜନ ମଧ କରାଯାଇଛି। ଜିଲ୍ଲାର ଝାରସୁଗୁଡ଼ା ସହର ସମେତ ବ୍ରଜରାଜନଗର, ବେଲପାହାଡ଼, ଗୁମାଡେରା, ବନ୍ଧବାହାଲ, ରେମଣ୍ଡା, କୁଡ଼ାଲୋଇ, ନେଗିପାଲି, ବାଗମୁଣ୍ଡା, ଚାରପାଲି-ବରପାଲି ଆଦି ସ୍ଥାନରେ ସାମୂହିକ ନମାଜ ପାଠ ସହ ଇଦ୍ ପାଳନ କରାଯାଇଛି। ତେବେ ଗୁରୁବାର ଇଦ୍ ପର୍ବ ପାଳନ ସହ ରମଜାନ ମାସର ରୋଜା(ଉପବାସ) ଶେଷ ହୋଇଛି। ସକାଳେ ଇଦ୍‌ଗାହ ଏବଂ ମସଜିଦଗୁଡ଼ିକରେ ନମାଜ ପାଠ କରାଯାଇଥିଲା। ଝାରସୁଗୁଡ଼ା ସହରର ଇଦଗାହ ଠାରେ ମୌଲାନା ସୟଦ ଫରକ୍କୁ ନିଜାମି ନମାଜ ପାଠ କରାଇଥିଲେ। ସେଠାରେ ହଜାର ହଜାର ସଂଖ୍ୟାରେ ଯୋଗ ଦେଇ ନମାଜ ପାଠ କରିଥିଲେ। ସେହିପରି ସଦର ମସଜିଦ ହଟଲିପଡ଼ାରେ ମୌଲାନା ନସିମ ଅଖତର ନମାଜ ପାଠ କରାଇଥିବା ବେଳେ ମଙ୍ଗଳବଜାର ମସଜିଦରେ ମୌଲାନା ଜୁନୈଦ ଆଲମ, ତେଲିଭଟାରେ ମସଜିଦରେ ମୌଲାନା ଆଫତାବ ମିସବାହି ଏବଂ ମିଲ୍ସ କଲୋନୀରେ ମଧ ନମାଜ ପାଠ ହୋଇଥିଲେ। ବିଶ୍ୱ ଶାନ୍ତି, ଭାଇଚାରା, ସୁଖ, ସମୃଦ୍ଧି ସକାଶେ ପ୍ରାର୍ଥନା ତଥା ସମବେତ ନମାଜ ପାଠ କରାଯାଇଥିଲା। ପରସ୍ପରକୁ ଆଲିଙ୍ଗନ କରି ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ସକାଳେ ଘରେ ଘରେ ସରକୁର୍ମର ଫତେହା କରାଯାଇ ତାହା ବିତରଣ କରାଯାଇଥିଲା। ସମସ୍ତେ ନୂଆ ବସ୍ତ୍ର ପରିଧାନ କରିବା ସହ ସିମେଇ, ମିଷ୍ଟାନ୍ନ ଆଦି ଭକ୍ଷଣ କରି ଇଦ୍ ପାଳନ କରିଥିଲେ।

### ବାରକୋଟରେ ବିଜେଡିର ବିଶାଳ ସମାବେଶ

## ପ୍ରଣବ ପ୍ରକାଶଙ୍କ ବିଜୟ ପାଇଁ ଶପଥ



**ଦେବଗଡ଼, ୧୧।୪(ସମିସ):** ଦେବଗଡ଼ ଜିଲ୍ଲା ବିଜେଡି ପକ୍ଷରୁ ପ୍ରଣବ ପ୍ରକାଶଙ୍କ ସମର୍ଥନରେ ବାରକୋଟ ବାସୁପାଲିଠାରେ ହଜାର ହଜାର ଦଳୀୟ କର୍ମୀଙ୍କ ବିଶାଳ ସମାବେଶ ଓ ବବିଙ୍କ ପୋଷ୍ଟର ପ୍ରଦର୍ଶନ କରାଯାଇଛି। ସାଂସଦ ପ୍ରାର୍ଥୀ ପ୍ରଣବଙ୍କୁ ଦେବଗଡ଼ ବିଧାନସଭା ମଣ୍ଡଳୀରୁ ବିପୁଳ ଭୋଟରେ ଜିତାଇବାକୁ ସମସ୍ତେ ଶପଥ ନେଇଥିଲେ।

## ବୃଦ୍ଧଙ୍କ ଠାରୁ ଟଙ୍କା ଚୋରି ଘଟଣା; ୨ ଆନ୍ତଃଜିଲ୍ଲା ଚୋର ଗିରଫ

**ଦେବଗଡ଼, ୧୧।୪(ସମିସ):** ଦେବଗଡ଼ତ ଥାନା ତିଲେଇବଣି ଫାଣ୍ଡି ସାପ୍ତାହିକ ବଜାରରୁ ଜଣେ ବୃଦ୍ଧଙ୍କ ନିକଟରୁ ଟଙ୍କା ଚୋରି ଘଟଣାରେ ଦେବଗଡ଼ ଥାନା ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ଗଞ୍ଜାମ ଜିଲ୍ଲା ଆସ୍କା ଥାନାଞ୍ଚଳର ନରେଶ ଦାସ ଓ ଛତିଶଗଡ଼ ଭୀମଖୋଜ ଥାନାଞ୍ଚଳର ରୋହିତ ନିତମ। ଗତ ୯ ତାରିଖ ଦିନ ପ୍ରଭାଷୁଣୀ ଗ୍ରାମର କ୍ଷମାନିଧି ପ୍ରଧାନ(୭୬) ତିଲେଇବଣି ସାପ୍ତାହିକ ବଜାରକୁ ପରିବା କିଣିବା ପାଇଁ ଯାଇଥିଲେ। ପରିବା କିଣିବା ସମୟରେ ନରେଶ ଓ ରୋହିତ କୌଶଳକ୍ରମେ ତାଙ୍କ ନିକଟରୁ ୭୦୦ ଟଙ୍କା ଚୋରି କରି ନେଇ ବାଇକ ଯୋଗେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତେବେ ଏ ନେଇ କ୍ଷମାନିଧି ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ନରେଶ ଓ ରୋହିତ ବୁଲା ବିକାଳି ଭାବେ ଅଞ୍ଚଳରେ ବୁଲି ବୁଲି ବିଭିନ୍ନ ସ୍ଥାନରେ ଚୋରିରେ ସମ୍ପୃକ୍ତି ଥିବା ଏବଂ ରାଜ୍ୟର ବିଭିନ୍ନ ଥାନାରେ ଅଭିଯୁକ୍ତଙ୍କ ନାମରେ ଚୋରି ମାମଲା ରହିଥିବା ଜାଣିବା ପରେ ପୁଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସୁରକ୍ଷା ଚିନ୍ତା

**ଝାରବନ୍ଧ, ୧୧।୪ (ସମିସ):** ଝାରବନ୍ଧ ବ୍ଲକ ବଳିଡ଼ିପା ଠାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରହିଛି। ବ୍ଲକର ପ୍ରତ୍ୟେକ ଗ୍ରାମାଞ୍ଚଳର ମେଧାବୀ ବିଦ୍ୟାର୍ଥୀ ପାଠ ପଢୁଛନ୍ତି। ଉଚ୍ଚ



ଶିକ୍ଷାର ମାନ ପାଇଁ କେନ୍ଦ୍ର ସରକାରଙ୍କ କେନ୍ଦ୍ରୀୟ, ଜବାହାର ନବୋଦୟ ପରି ଓଡ଼ିଶା ସରକାରଙ୍କ ଆଦର୍ଶ ବିଦ୍ୟାଳୟର ପରିକଳ୍ପନା ସଫଳ ହୋଇଛି। କୋଟି କୋଟି ଟଙ୍କା ବ୍ୟୟରେ କୋଠା ବାଡ଼ି, ଆନୁସାଙ୍ଗିକ ସାମଗ୍ରୀ ମହଜୁଦ ରହିଥିବା ବେଳେ ଏଠାରେ ଥିବା ବିଦ୍ୟାଳୟରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ବିଦ୍ୟାଳୟଟି ସୁନ୍ଦର ହୋଇଥିବା ବେଳେ ବିରାଟ ପାଚେରୀ ମଧ ରହିଛି। ମାତ୍ର ସମ୍ମୁଖରେ ଥିବା ଦ୍ୱାରରେ କବାଟ ଲାଗି ପାରିନାହିଁ। ଫଳରେ କାଠଖଣ୍ଡ ସାହାଯ୍ୟରେ ଦ୍ୱାରକୁ ବନ୍ଦ କରାଯାଇଛି। ଖୋଲା ରହୁଥିବାରୁ ବିଦ୍ୟାଳୟ ଭିତରକୁ ଗାଈ ଗୋରୁ ପଶି ଯାଉଛନ୍ତି। ବିଦ୍ୟାଳୟ ସହ କୌଣସି ସମ୍ପର୍କ ନ ଥିବା ବ୍ୟକ୍ତି ମଧ ଅବାଧରେ ଭିତରକୁ ପଶିଯାଉଛନ୍ତି। ତେଣୁ ଛାତ୍ର ଛାତ୍ରୀ ଓ ଶିକ୍ଷାନୁଷ୍ଠାନର ସୁରକ୍ଷା ନେଇ ଆଶଙ୍କା ସୃଷ୍ଟି ହୋଇଛି।

## ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଗୋବିନ୍ଦ ମିତ୍ର ବିଜେଡିରେ

**ବରଗଡ଼, ୧୧। ୪(ସମିସ):** ବରଗଡ଼ ଜିଲ୍ଲା ଅତାବିରା ଠାରେ କଂଗ୍ରେସ ର ପୂର୍ବତନ ବ୍ଲକ ସଭାପତି ଗୋବିନ୍ଦ ମିତ୍ର ଓ ତାଙ୍କ ଶତାଧିକ ସହଯୋଗୀ ବିଜେଡିରେ ଯୋଗଦାନ କରିଛନ୍ତି। ଅତାବିରା ଠାରେ ଏକ ମିଶ୍ରଣ ପର୍ବରେ ବିଜୁ ଜନତା ଦଳର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେଇଥିବା କହିଥିଲେ। ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଉପଢୌକନ, ଫୁଲ ତୋଡ଼ା ଦେଇ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବ ରେ ଅତାବିରା ଏନ୍ ଏ ସି ସଭାପତି ଟଙ୍କଧର ଦାଶ, ଏନ ଏ ସି ଚେୟାରମେନ ବନମାଳୀ ବରିହା, କାଉନସିଲର ଶିବାନନ୍ଦ ତ୍ରିପାଠୀ, ଶ୍ୟାମଲାଲ୍ ପ୍ରଧାନ, ଯାତିକେଶ୍ୱର ପ୍ରଧାନ, ରଘୁନାଥ ବାରିକ, ମହାଦେବ ପ୍ରଧାନ ପ୍ରମୁଖ ବହୁ ବରିଷ୍ଠ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ଖରାଦିନିଆ ପନିପରିବାର ଅଭାବି ବିକ୍ରି: ମୂଲ୍ୟ ପାଉ ନାହିଁ ଚାଷୀ

**ବରଗଡ଼, ୧୧।୪(ସମିସ) :** ଖରାଦିନେ ସାଧାରଣତଃ ପନିପରିବା ଦର ଅଧିକା ରହୁଥିବା ବେଳେ ଏଥର ତାର ଓଲଟା ଦୃଶ୍ୟ ଦେଖିବାକୁ ମିଳୁଛି। ବରଗଡ଼ ବଜାରରେ ପନିପରିବା ଦର ହ୍ରାସ ପାଇଥିବାରୁ ଚାଷୀମାନେ ଅଭାବି ବିକ୍ରିର ଶିକାର ହୋଇଛନ୍ତି। ବରଗଡ଼ ଜିଲ୍ଲାରେ କୃଷି ବିଭାଗ ପକ୍ଷରୁ ଧାନ ପରିବର୍ତ୍ତେ ଅନ୍ୟ ଲାଭକାରୀ ଫସଲ କରିବାକୁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରାଯାଉଥିବାରୁ ଏବେ ସହରର ଆଖପାଖ ଗ୍ରାମରେ ପନିପରିବା ଚାଷ ବହୁ ଗୁଣରେ ବୃଦ୍ଧି ପାଇଛି। ଅନ୍ୟ ଖାଦ୍ୟଶସ୍ୟ ମାନଙ୍କରେ ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ସର୍ବନିମ୍ନ ସହାୟକ ଦର ଥିବାବେଳେ ପନିପରିବା ଚାଷୀମାନଙ୍କ ପାଇଁ ଏପରି କୌଣସି ସୁବିଧା ନାହିଁ। ଏହାଛଡା ବରଗଡ଼ ଜିଲ୍ଲାରେ ଆବଶ୍ୟକ ସଂଖ୍ୟକ ଶୀତଳ ଭଣ୍ଡାର ନଥିବାରୁ ଏହାକୁ ସଂରକ୍ଷିତ ରଖିବାକୁ କୌଣସି ଉପାୟ ନାହିଁ। ତେଣୁ ଚଳିତ ବର୍ଷ ବିଭିନ୍ନ ଖରାଦିନିଆ ପନିପରିବା କରିଥିବା ଚାଷୀମାନେ କ୍ଷତିର ଶୀକାର ହେଉଛନ୍ତି। ସହରରେ ବର୍ତ୍ତମାନ ଟମାଟୋ ୧୫ ରୁ ୨୦ ଟଙ୍କା, ବାଇଗଣ ଓ ଝୁଲେର, ମାଖନ, ଭେଣ୍ଡି ଆଦି ୧୦ ରୁ ୧୫ ଟଙ୍କା କେଜିରେ ବିକ୍ରି ହେଉଛି। ଏହି ଅଭାବି ବିକ୍ରି ସମୟରେ ଯେଉଁମାନେ ସହରକୁ ଆସିପାରୁନାହାନ୍ତି। ସେମାନେ ଗାଁରେ ଏହାକୁ ମଧ୍ୟସ୍ଥି ମାନଙ୍କୁ ଏଥିରୁ ଅଧା ଦରରେ ଦେଇ ଦେଉଛନ୍ତି। ଏପରିକି କଞ୍ଚା ଲଙ୍କା ମଧ ଖୁବ କମ୍ ଦରରେ ବିକ୍ରି ହେଉଛି। ତେଣୁ ଏହି ଚାଷ କରିଥିବା ଚାଷୀମାନଙ୍କ ଖର୍ଚ୍ଚ ମଧ ବାହାରି ପାରୁନାହିଁ। ନିର୍ବାଚନ ସମୟରେ ଧାନ ତଥା ଅନ୍ୟ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ପାଇଁ ରାଜନେତା ମାନେ ବହୁ କଥା କହୁଥିବା ବେଳେ ପରିବା ଚାଷୀଙ୍କ ସ୍ୱାର୍ଥ ପ୍ରତି କାହାରି ନଜର ନଥିବା ଅଭିଯୋଗ ହେଉଛି।

## ଧର୍ମେନ୍ଦ୍ରଙ୍କ ପ୍ରଚାରରେ ସାମିଲ ଶିକ୍ଷକ ନିଲମ୍ବିତ

**ଦେବଗଡ଼, ୧୧।୪(ସମିସ):** ସମ୍ବଲପୁର ଲୋକସଭା ଆସନରୁ ବିଜେପି ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗତ ୭ ତାରିଖ ଦିନ ଦେବଗଡ଼ ବିଧାନସଭା ମଣ୍ଡଳୀ ପ୍ରଥମ ନିର୍ବାଚନୀ ପ୍ରଚାର ପ୍ରଚାରରେ ସାମିଲ ହେବା ଜଣେ ଶିକ୍ଷକଙ୍କୁ ମହଙ୍ଗା ପଡ଼ିଛି। ରିଆମାଳ ବ୍ଲକ ଟୁହିଲାମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ରଞ୍ଜନ ବିଶି ନିଲମ୍ବିତ ହୋଇଛନ୍ତି।

ଗତ ୭ ତାରିଖ ଧର୍ମେନ୍ଦ୍ରଙ୍କ ସହ ସେ ସ୍କୁଲ ପୋଷାକରେ ପ୍ରଚାର ଶୋଭାଯାତ୍ରାରେ ଥିବା ଫଟୋ ଭାଇରାଲ ହୋଇଥିଲା। ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶରେ ଶିକ୍ଷା ବିଭାଗ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ପରେ ଘଟଣାର ସତ୍ୟତା ନେଇ ତଦନ୍ତ ପାଇଁ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଜାରି କରାଯାଇଥିଲା। ଅଭିଯୋଗର ସତ୍ୟତା ପ୍ରମାଣିତ ହେବା ପରେ ରିଆମାଳ ବ୍ଲକ ଶିକ୍ଷାଧିକାରୀ ରଞ୍ଜିତ ଭୋଇ ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି।




### ୨ୟ ସମର୍ଥ ଅଗ୍ରୱାଲ ସ୍ମାରକୀ ନକ୍‌ଆଉଟ କ୍ରିକେଟ୍ ପ୍ରତିଯୋଗିତା

## ଆମ୍ବ୍ରିସନ କ୍ଲବ୍ ଚାମ୍ପିଅନ

**ଝାରସୁଗୁଡ଼ା, ୧୧।୪(ସମିସ)**

ସ୍ଥାନୀୟ ସରବାହାଲ କ୍ରିକେଟ ପଡ଼ିଆରେ ଶିକ୍ଷା କ୍ରିକେଟ ଏକାଡେମି ଆନୁକୂଲ୍ୟରେ ୨ୟ ସ୍ମାରକୀ ସମର୍ଥ ଅଗ୍ରୱଲ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ରଜରାଜନଗର ଆମ୍ବ୍ରିସନ କ୍ରିକେଟ କ୍ଲବ ଓ ଝାରସୁଗୁଡା ପୋଗ୍ରେସିଭ କ୍ରିକେଟ କ୍ଲବ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପୋଗ୍ରେସିଭ ଦଳ ଟସ୍ ଜିତି ବ୍ୟାଟିଂ ନେଇ ୧୮.୫ଓଭରରେ ସମସ୍ତ ଉଇକେଟ ହରାଇ ୯୫ ରନ୍ କରିଥିଲା। ଜବାବରେ ଆମ୍ବ୍ରିସନ ଦଳ ୧୮.୩ ଓଭରରେ ୫ଉଇକେଟ ହରାଇ ୯୬ ରନ୍ କରି ବିଜୟୀ ହୋଇଛି। ଆମ୍ବ୍ରିସନର ବିଶାଳ ପ୍ରସାଦ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅପ ଦି ସିରିଜ ହୋଇଥିବା ବେଳେ ସର୍ବ ଶ୍ରେଷ୍ଠ ବ୍ୟାଟସମ୍ୟାନ ଭାବେ ଅନୁଭମ ପ୍ରଧାନ, କ୍ଷେତ୍ର ରକ୍ଷକ ଭାବେ ସୁଜିତ ଠାକୁର, ବୋଲର ଭାବେ ଶିକ୍ଷା ଏକାଡେମୀର ସାର୍ଥକ କୁମାର ପୁରସ୍କୃତ ହୋଇଥିଲେ। ଏହି ପ୍ରତିଯୋଗିତାରେ ହକି ଓଡ଼ିଶାର ଉପ-ସଭାପତି ଜୀବନ ମହାନ୍ତି, ଝାରସୁଗୁଡା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ମହେତାପ ଖାଁନ, ବ୍ଲାକ ଡାଇମଣ୍ଡ ଯାନ୍ତ୍ରିକ କଲେଜର ମୁଖ୍ୟ ଅବିନାଶ ସିଂ, ରବି କୁମାର, ପୁରାତନ କ୍ରିକେଟ ଖେଳାଳି ଅନିରୁଦ୍ଧ କେୱାଟ, ଅଶୋକ ପ୍ରଧାନ, ବାଲାଜୀ ସାକସେନା, ବିନୟ ପ୍ରସାଦ, ଶିକ୍ଷା ଏକାଡେମୀର ମୁଖ୍ୟ ସୁମିତ ସିଂ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ସମର୍ଥ ଅଗ୍ରୱାଲ ସେଣ୍ଟ ମେରି ସ୍କୁଲର ୯ମ ଶ୍ରେଣୀର ଛାତ୍ର ଥିଲେ। ଝାରସୁଗୁଡା କ୍ରିକେଟ ଦଳରୁ ୧୬ ବର୍ଷ ଏବଂ ୧୯ ବର୍ଷ ବୟସ ବର୍ଗରେ ଜିଲ୍ଲାରୁ ପ୍ରତିନିଧିତ୍ୱ କରିଥିଲେ। ଗତ ବର୍ଷ ଦୁର୍ବୃତ୍ତ ଅର୍ଥ ପାଇଁ ଅପହରଣ କରି ନେଇ ତାଙ୍କୁ ମାରି ଦେଇଥିଲେ।



## ଆଦିବାସୀ ଶକ୍ତିପୀଠ ସେବା ଟ୍ରଷ୍ଟ ପଞ୍ଜିକୃତ



**ଝାରସୁଗୁଡ଼ା, ୧୧।୪(ସମିସ) :** ସମ୍ମିଳିତ ଆଦିବାସୀ ସମାଜର ମୁଖ୍ୟ ସହଯୋଗୀ ଅନୁଷ୍ଠାନ ଆଦିବାସୀ ଶକ୍ତିପୀଠ ସେବା ଟ୍ରଷ୍ଟ ନାମରେ ଝାରସୁଗୁଡା ସବ୍ ରେଜିଷ୍ଟର ଦ୍ୱାରା ପଞ୍ଜିକୃତ ହୋଇଛି। ଏହି ଟ୍ରଷ୍ଟରେ ଝାରସୁଗୁଡା ଜିଲ୍ଲାରେ ବସବାସ କରୁଥିବା ପ୍ରମୁଖ ୯ଟି ଆଦିବାସୀ ସମାଜର ଜଣେ ଲେଖାଏଁ ବ୍ୟକ୍ତି ବିଶେଷଙ୍କୁ ଟ୍ରଷ୍ଟି ଭାବେ ନିଆଯାଇଛି। ଗୋଁଣ୍ଡ ସମାଜରୁ ମହେନ୍ଦ୍ର ନାଏକ ମୁଖ୍ୟ ଟ୍ରଷ୍ଟି ଅଛନ୍ତି। ସଭ୍ୟ ଭାବେ କିସାନ ସମାଜରୁ ଧର୍ମେନ୍ଦ୍ର କିସାନ, ଓରାମ ସମାଜରୁ ପ୍ରଭାକର ଓରାମ, ଭୂୟାଁ ସମାଜରୁ ପ୍ରେମାନନ୍ଦ ବିଶ୍ୱାଲ, ସବର ସମାଜରୁ ମୋହନ ସବର, ଖଡିଆ ସମାଜରୁ ବନମାଳୀ ଖଡିଆ, ବଂଜାରା ସମାଜରୁ ସନ୍ତୋଷ ବଂଜାରା, ମୁଣ୍ଡା ସମାଜରୁ ରାଜେଶ ମୁଣ୍ଡା, ସହରା ସମାଜରୁ ସୁବୋଧ ରାଉତ ରହିଛନ୍ତି। ଗୋଁଣ୍ଡ ସମାଜ ଓ କିସାନ ସମାଜରୁ ବିରେନ ମରେଇ ଓ ବିନୋଦ ବିହାରୀ ବାଗଙ୍କୁ ମଧ ଟ୍ରଷ୍ଟି ସଦସ୍ୟତା ମିଳିଛି।

■ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

# ହତ୍ୟା ଅଭିଯୋଗ ଆଣିଲେ ପରିବାର ବର୍ଗ

**କୋକସରା, ୧୧।୪(ସମିସ)**

କୋକସରା ଥାନା ଫୁପଗାଁ ଗ୍ରାମରୁ ଗୁରୁବାର ଜଣେ ନବ ବିବାହିତାଙ୍କ ମୃତ ଦେହ ପୁଲିସ ଜବତ କରିଛି। ମୃତ ମହିଳା ଜଣଙ୍କ ଆମପାଣି ଥାନା ଡୁଡୁକାଠେଙ୍ଗା ପଞ୍ଚାୟତ ମୁଗୁନାପଦର ଗ୍ରାମର ନକୁଳ ନାଏକଙ୍କ ଦ୍ୱିତୀୟ ଝିଅ ଅଷ୍ଟମୀ ନାଏକ (୨୨)। ଅଷ୍ଟମୀ ଗତ ତା୨୨।୫।୨୦୨୩ ରିଖରେ ଫୁପଗାଁ ଗାଁର ରସିଆ ପୁଝାରୀଙ୍କ ପୁଅ ମଧୁସୂଦନ ପୁଝାରୀଙ୍କୁ ସାମାଜିକ ରୀତିନିତୀ ଅନୁସାରେ ବିବାହ କରିଥିଲେ। ଗୁରୁବାର ସକାଳେ ଅଷ୍ଟମୀଙ୍କ ପରିବାର ଲୋକ ଝ୍ୱାଇଁ ମଧୁସୂଦନଙ୍କୁ ଫୋନ୍ କରି ଝିଅ ସହ କଥା କରାଇବାକୁ କହିବାରୁ ସେ ଅନ୍ୟ ଲୋକଙ୍କୁ ଫୋନ ଧରାଇ ଦେଇଥିଲେ। ସେପଟୁ ଖବର ଆସିଥିଲା ଯେ ତାଙ୍କ ଝିଅ ମରି ଯାଇଛି। ଝିଅର ପରିବାର ଲୋକ ତା'ର ଶାଶୁ ଘର ଗାଁ ଫୁପଗାଁରେ ପହଞ୍ଚି ଅଷ୍ଟମୀର ମୃତଦେହ ପଡ଼ିଥିବା ଦେଖିଥିଲ। ଶାଶୁଘର ଲୋକଙ୍କୁ ପଚାରିବାରୁ ସେ ଆତ୍ମହତ୍ୟା କରିଥିବା ଉତ୍ତର ଦେଇଥିଲେ। ତେବେ ଝିଅର ପରିବାର ଲୋକ ଏହା ହତ୍ୟା



ବୋଲି ସନ୍ଦେହ କରିଥିଲେ। ଏହାପର ଝିଅର ଭାଇ ଆନନ୍ଦ ନାଏକ ଭଉଣୀକୁ ତାଙ୍କ ଶାଶୁ ଘର ଲୋକେ ନିର୍ଯାତନା ଦେଇ ମାରିଦେଇଥିବା କୋକସରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଶବ ଜବତ କରିଛି। କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପଟେ ମୃତ ଅଷ୍ଟମୀର ସ୍ୱାମୀ ମଧୁସୂଦନଙ୍କୁ ପୁଲିସ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡ଼ିଛି। ଏନେଇ କୋକସରା ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

କେସିଙ୍ଗା ଏନ୍ଏସିରେ ୧୪, ୪୨୩ ଭୋଟର

# ପୁରୁଷଙ୍କ ତୁଳନାରେ ମହିଳା ଭୋଟର ଅଧିକ

**କେସିଙ୍ଗା, ୧୧।୪(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍ଏସିର ୧୨ଟି ୱାର୍ଡର ସମୁଦାୟ ୧୪, ୪୨୩ ଜଣ ଭୋଟର ଅଛନ୍ତି। ଏହି ମତଦାତାମାନେ ୧୩ଟି ବୁଥରେ ନିଜର ମତ ସାବ୍ୟସ୍ତ କରିବେ। ଚଳିତ ନିର୍ବାଚନରେ ମହିଳା ଭୋଟରଙ୍କ ସଂଖ୍ୟା ପୁରୁଷ ଭୋଟରଙ୍କଠାରୁ ଅଧିକ ଥିବା ଜଣାପଡ଼ିଛି। କେସିଙ୍ଗା ଏନ୍ଏସିରେ ପୁରୁଷ ଭୋଟରଙ୍କ ସଂଖ୍ୟା ୭୧୯୦ ଥିବା ବେଳେ ମହିଳା ଭୋଟରଙ୍କ ସଂଖ୍ୟା ୭୨୩୨ ଓ ଜଣେ ତୃତୀୟ ଲିଙ୍ଗ ଭୋଟର ବୋଲି ଜଣାପଡ଼ିଛି। ୪୫୫ ନୂତନ ଭୋଟର ବୃଦ୍ଧି ପାଇଛନ୍ତି। ଯାହା ସମୁଦାୟ ଭୋଟର ସଂଖ୍ୟାର ୩.୧୫ ପ୍ରତିଶତ। ସେହିପରି ଏନ୍ଏସିରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ଭୋଟରଙ୍କ ସଂଖ୍ୟା ୭୫ ଥିବା ବେଳେ ବିକଳାଙ୍ଗ ଭୋଟରଙ୍କ

**୧୩ଟି ବୁଥ୍‌ରେ କରିବେ ମତ ସାବ୍ୟସ୍ତ**

ସଂଖ୍ୟା ୧୬୫। ସେଥି ମଧ୍ୟରୁ ମହିଳା ବିକଳାଙ୍ଗ ଭୋଟରଙ୍କ ସଂଖ୍ୟା ୬୮ ଥିବା ବେଳେ ପୁରୁଷ ବିକଳାଙ୍ଗଙ୍କ ସଂଖ୍ୟା ୯୭ ବୋଲି କେସିଙ୍ଗା ଏନ୍ଏସି କାର୍ଯ୍ୟାଳୟରୁ ଜଣାପଡ଼ିଛି।

# ବିଜେଡିରେ ମିଶିଲେ ବିଜେପି, ସିପିଆଇ କର୍ମୀ



**ହରଭଙ୍ଗା, ୧୧।୪(ସମିସ):** ବୌଦ୍ଧରେ କେତେକ ରାଜନୈତିକ ବ୍ୟକ୍ତି ଲ ବିଜେପି, ସିପିଆଇ ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ବୌଦ୍ଧ ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ ଅମାତ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ କାର୍ଯ୍ୟଧାରରେ ପ୍ରଭାବିତ ହୋଇ ଏମାନେ ଦଳରେ ମିଛନ୍ତି। ବିଜେପି ନେତା ତଥା ପ୍ରଗଣା କଟକ କନ୍ଧ କୁଇ ସମାଜର ସଭାପତି ନାରାୟଣ ମଲ୍ଲିକ, ପ୍ରସନ୍ନ ଦୀପ, ମହାଳିକପଡ଼ା ନାଏବ ସରପଞ୍ଚ ମମତା ପ୍ରଧାନଙ୍କ ସ୍ୱାମୀ ଗଜେନ୍ଦ୍ର ପ୍ରଧାନ ବିଶ୍ୱାମିତ୍ର ବେହେରା, ମହାଳିକପଡ଼ା ୱାର୍ଡସଭ୍ୟ ରବୀନ୍ଦ୍ର ଦୀପ ଏବଂ ସିପିଆଇ ଯୁବନେତା ବୁବୁନା ବେହେରା ପ୍ରମୁଖ ବିଜେପି ଓ ସିପିଆଇ ପରିତ୍ୟାଗ କରିଛନ୍ତି। ବିଜେଡି ନେତା ଅବକାଶ ସାହୁ, ଅମର ପ୍ରଧାନ, ଶୈଳେନ୍ଦ୍ର ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଏମାନେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି।

## ପାଟ୍ରୋଲିଂ ବେଳେ ଗଞ୍ଜେଇ ଜବତ

**ଦେଓଗାଁ, ୧୧।୪(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ଭୂତିଆରବାହାଲ ଛକରେ ପୁଲିସ ପାଟ୍ରୋଲିଂ ସମୟରେ ଏକ ଗାଡ଼ିରୁ ଗଞ୍ଜେଇ ଜବତ କରିଛି। ଘଟଣାରେ ଡ୍ରାଇଭର ସମେତ ୩ ଜଣଙ୍କୁ ଅଟକ ରଖି ପଚରାଉଚୁରା କରିଛି। ସୂଚନାନୁଯାୟୀ, ବୁଧବାର ରାତି ୧୦ଟା ସମୟରେ ଭୂତିଆରବାହାଲ-କୁଡ଼ାସିଂହା ମଝିରେ ଥିବା ଛକଠାରେ ବନ୍ଧପଡ଼ା ଫାଣ୍ଡି ଅଧିକାରୀ ସୁଦର୍ଶନ ଦୋରାଙ୍କ ନେତୃତ୍ୱରେ ଏକ ଟିମ ନିର୍ବାଚନକୁ ଆଖିଆଗରେ ରଖି ପାଟ୍ରୋଲିଂ ସହ ଗାଡ଼ିମାନଙ୍କୁ ଯାଞ୍ଚ କରୁଥିଲେ। ସେହି ସମୟରେ ଦେଓଗାଁ ପଟରୁ ଆସୁଥିବା ଏକ ଗାଡ଼ି ଅଟକାଇ ଯାଞ୍ଚ କରିଥିଲେ। ସେହି ଗାଡ଼ିରେ ୨ଟି ବସ୍ତାରେ ଗଞ୍ଜେଇଥିବା ଜାଣି ଡ୍ରାଇଭର ସମେତ ୩ଜଣଙ୍କୁ ଦେଓଗାଁଥାନାକୁ ଆଣି ଅଟକ ରଖି ତଦନ୍ତ କରିଥିବାବେଳେ ଶୁକ୍ରବାର କୋର୍ଟଚାଲାଣ କରାଯିବ।

## ଶିରାବାହାଲରୁ ବୃଦ୍ଧା ନିଖୋଜ



**ଦେଓଗାଁ, ୧୧।୪(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ଶିରାବାହାଲ ଗାଁରୁ ଜନୈକ ବୃଦ୍ଧା ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛିଷ ସୂଚନାନୁସାରେ ଶିରାବାହାଲଗାଁର ପ୍ରେମା ନନ୍ଦ(୬୩) ଆଜକୁ ୮ ଦିନ ହେଲା ନିଖୋଜ ହୋଇଥିବା ନେଇ ତାଙ୍କ ପୁଅ ଅରୁଣ ନନ୍ଦ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ଥାନାରେ ନିଖୋଜ ମାମଲା ରୁଜୁ ହେବାସହ ତଦନ୍ତ କରୁଥିବା ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟା ସୂଚନା ଦେଇଛନ୍ତି।

## ଅସହାୟ ମହିଳାଙ୍କ ଶବ ସତ୍କାର କଲେ ସ୍ୱେଚ୍ଛାସେବୀ

**ସୋନପୁର, ୧୧।୪(ସମିସ):** ସୋନପୁର ଭଗବତୀ ପ୍ଲଟର ଜଣେ ଅସହାୟ ମହିଳାଙ୍କ ମୃତ୍ୟୁ ପରେ ସହରର କେତେକ ସ୍ୱେଚ୍ଛାସେବୀ କାନ୍ଧ ଦେବା ସହ ଶବ ସତ୍କାର କରାଇଛନ୍ତି। ଜଣେ ୫୬ ବର୍ଷୀୟା ନିରାଶ୍ରୟ ମହିଳା ଗୀତାଞ୍ଜଳିଙ୍କ ରୋଗଗ୍ରସ୍ତ ହୋଇ ମୃତ୍ୟୁ ଘଟିଥିଲା। ସେ ଅତି ଗରିବ ଶ୍ରେଣୀର ହୋଇଥିବାରୁ ସୋନପୁରର କେତେକ ସ୍ୱେଚ୍ଛାସେବୀ କାନ୍ଧ ଦେଇ ରାମେଶ୍ୱର ଶ୍ମଶାନରେ ଶବ ସତ୍କାର କରିଛନ୍ତି। ନିରଞ୍ଜନ ଦାସ, ସଞ୍ଜୟ ମହାପାତ୍ର, କାହ୍ନୁ ଚରଣ ସାହୁ, ସ୍ୱରୂପ ପାତ୍ର, ରାଜେଶ ସିଂ, ଓଁକାର ଶର୍ମା, ମନୋଜ ପଣ୍ଡା, ଜୟନାରାୟଣ ସାହୁ, ସୁଜିତ ମେହେର, ଅଭି ଥପା, ଭବାନୀ, ଶିବ ଶଙ୍କର ନାୟକ ପ୍ରମୁଖହିନ୍ଦୁ ରୀତି ନୀତି ଅନୁସାରେ ସଂସ୍କାର କରିଛନ୍ତି। ବୁଢ଼ାରଜା ଯୁବ ସଙ୍ଗଠନ ଶବ ବାହକ ଗାଡି ଦେଇଥିବା ବେଳେ ମାରୱାଡି ଯୁବ ମଞ୍ଚ ପକ୍ଷରୁ ଆର୍ଥିକ ସହାୟତା କରାଯାଇଥିଲା।

# ଗଞ୍ଜେଇ ଚାଲାଣ ବେଳେ ୭ ଗିରଫ

**ସୋନପୁର, ୧୧।୪(ସମିସ):** ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ଏକ ଦମ୍ପତିକୁ ସୋନପୁର ପୁଲିସ ଗିରଫ କରିଛି। ଏମାନେ ହେଲେ ସମ୍ବଲପୁରର ସୁଧାଂଶୁ ମହାନ୍ତି ଓ ତାଙ୍କ ସ୍ତ୍ରୀ ଅନୁପମା ମହାନ୍ତି। ଏମାନଙ୍କଠାରୁ ୨୫ କେଜି ଗଞ୍ଜେଇ ଜବତ ହୋଇଛି। ଏହା ସହ ଗଞ୍ଜେଇ ଚାଲାଣ ହେଉଥିବା ଏକ ପାସେଞ୍ଜର ଅଟୋ ଏବଂ ଗୋଟିଏ ମୋବାଇଲ ଫୋନ୍ ମଧ ଜବତ ହୋଇଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ପଟୁ ସୋନପୁରକୁ ଏକ ପାସେଞ୍ଜର ଅଟୋ ଦ୍ରୁତ ଗତିରେ ଆସୁଥିବା ଦେଖି ପୁଲିସ ସୋନପୁର କୁଞ୍ଜ ଛକ ନିକଟରେ ପୁଲିସ ଅଟକାଇଥିଲା। ଯାଞ୍ଚ କରିବାରୁ ଗଞ୍ଜେଇ ଜବତ ମିଳିଥିଲା। ବୌଦ୍ଧ ଜିଲ୍ଲା ରୁଣ୍ଡିମହୁଲରୁ ଏହି ଗଞ୍ଜେଇ ଆସୁଥିଲା ବୋଲି ଆଇଆଇସି ଲୋକନାଥ ସାହୁ କହିଛନ୍ତି।

**ଶଗଡ଼ା:** କଣ୍ଟାମାଳ ଅବକାରୀ ବିଭାଗର ଏକ ଟିମ୍ କଣ୍ଟାମାଳ ଥାନା ଲମ୍ବସେରୀ ପଞ୍ଚାୟତ ବଡ଼ ଝାରମୁଣ୍ଡା ଗ୍ରାମ ରାସ୍ତା ନିକଟରେ ଦୁଇ ଜଣ ଗଞ୍ଜେଇ ଚୋରା ଚାଲାଣକାରୀକୁ ଗିରଫ କରିଛି। ଏମାନେ ହେଲେ କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ଅଞ୍ଚଳର ଶରତ କହଁର (୩୪) ଓ ପ୍ରଶାନ୍ତ କହଁର (୨୨)। ଉଭୟଙ୍କଠାରୁ ୫ କେଜି ଗଞ୍ଜେଇ ଜବତ ହୋଇଛି। ସେହିପରି ମନମୁଣ୍ଡା ଥାନା ଫଗୁଣା ମାଳ ଗ୍ରାମର ଜ୍ୟୋତିରଞ୍ଜନ ମେଣ୍ଡିଲୀ (୩୦) ଓ ଅଙ୍ଗଦ ମେଣ୍ଡିଲି (୫୮) ନାମକ ଅନ୍ୟ ୨ ଜଣଙ୍କୁ ମଧ କଣ୍ଟାମାଳ ଅବକାରୀ ବିଭାଗ ଗିରଫ କରିଛି। ସେମାନଙ୍କଠାରୁ ୪କେଜି ଗଞ୍ଜେଇ ମିଳିଥିଲା। ଏହି ଚଢ଼ଉରେ ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକ, ସୁକେଶିନି କୁଜୁର, ସଞ୍ଜୟ ସେଠୀ, ନିରଞ୍ଜନ ମଲ୍ଲିକ ଓ ଶ୍ରୀକାନ୍ତ ବେହେରା ପ୍ରମୁଖ ସାମିଲ ଥିଲେ।

**ମନମୁଣ୍ଡା:** ବରଗୋଛା ପଞ୍ଚାୟତ ବେନ୍ଦୁକା ଗ୍ରାମ ନିକଟରେ ଜଣେ ବାଇକ୍ ଆରୋହୀଙ୍କଠାରୁ ମନମୁଣ୍ଡା ପୁଲିସ ୫୦ କେଜି ଗଞ୍ଜେଇ ଜବତ କରିଛି। ଅଭିଯୁକ୍ତ ହେଉଛି ମନମୁଣ୍ଡା ଥାନା ଗୁଦୁଲିଆ ପଞ୍ଚାୟତ ଭରୁଆ ଗ୍ରାମର ସୁସେଣ କହଁର(୩୩)। ବରଗୋଛା ଦେଇ ଗୁଦୁଲିଆ ଜଙ୍ଗଲ ଅଞ୍ଚଳରୁ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଆଇଆଇସି ରାମ ମୁର୍ମୁ କୌଣସି ସୂତ୍ରରୁ ଜାଣିବାକୁ ପାଇଥିଲେ। ଏସ୍ଆଇ ସେବତୀ ନାଏକଙ୍କ ନେତୃତ୍ୱରେ ଏକ ଟିମ୍ ପାଟ୍ରୋଲିଂ ବେଳେ ତାକୁ ଧରିଛି।

# ୟୁଥ୍ ଆକ୍ସନ କମିଟିର ସଚେତନତା



**ଦେଓଗାଁ, ୧୧।୪(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁରେ ନୋ ରେଲ୍ ନୋ ଭୋଟକୁ ନେଇ ୟୁଥ ଆକ୍ସନ କମିଟି ତରଫରୁ ବସଷ୍ଟାଣ୍ଡରେ ଏକ ସଚେତନତା କାର୍ଯ୍ୟକ୍ରମ ଓ ଗାଁରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୟୁଥ ଆକ୍ସନ କମିଟିର ସଭାପତି ସେବକ ବାରିକଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ତଥା ପରାମର୍ଶଦାତା କମିଟିର ସଦସ୍ୟମାନେ ଏକତ୍ରିତ ହୋଇ ନୋ ରେଲ୍ ନୋ ଭୋଟ ନାରା ଦେଇଥିଲେ। ଏହାସହ ଚଳିତ ନିର୍ବାଚନ ସମୟରେ ନେତୃବର୍ଗଙ୍କୁ ଏହାର ଜବାବ ମଗାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିବା ସହ ନେତାଙ୍କୁ ଗାଁକୁ ପୁରାଇଦିଆଯିବ ନାହିଁ ବୋଲି ଚେତାବନୀ ଦେଇଥିଲେ। ଏନେଇ ଗାଁରେ ମଧ ସଚେତନତା ବୈଠକ ଜାରିରହିଥିବା ବେଳେ ଆଗକୁ ନିର୍ଭର ଭାବେ ଲିଖିତ ପ୍ରତିଶୃତି ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଗଠନ ତରଫରୁ କୁହାଯାଇଛି।

ନର୍ଲା ବିଧାନସଭା କ୍ଷେତ୍ର

# ବିଜେଡି ପ୍ରାର୍ଥୀ ହେଲେ ମନୋରମା ମହାନ୍ତି

**ନର୍ଲା, ୧୧।୪(ସମିସ):** ଚଳିତ ସାଧାରଣ ନିର୍ବାଚନ ପାଇଁ ଓଡ଼ିଶା ବିଧାନସଭା ପାଇଁ ଚତୁର୍ଥ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ନର୍ଲା ନିର୍ବାଚନମଣ୍ଡଳୀ ପାଇଁ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଭାବରେ ନର୍ଲା ପଞ୍ଚାୟତ ସମିତି ଅଧ୍ୟକ୍ଷା ମନୋରମା ମହାନ୍ତିଙ୍କୁ ଘୋଷଣା କରାଯାଇଛି। ମହିଳା ସଶକ୍ତିକରଣ ଓ ମହିଳା ବିକାଶ ଦିଗରେ ତଥା ସମାଜର



ସମସ୍ତ କ୍ଷେତ୍ରରେ ମହିଳାଙ୍କ ଭୂମିକାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇ ଆସିଛନ୍ତି। ଚଳିତ ନିର୍ବାଚନରେ ରାଜ୍ୟ ବିଧାନସଭା ପାଇଁ ପ୍ରାର୍ଥୀ ଚୟନରେ ମଧ ଏହା ପ୍ରତିଫଳିତ ହେଉଛି। ନର୍ଲା ନିର୍ବାଚନ ମଣ୍ଡଳୀ ପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସ୍ଥାନୀୟ ପ୍ରାର୍ଥୀ ଦାବି ହୋଇଆସିଛି। ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତିଙ୍କୁ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଭାବରେ ଘୋଷଣା

**କର୍ମୀଙ୍କ ମଧ୍ୟରେ ଉତ୍ସବର ମାହୋଲ**

କରାଯାଇଥିବାରୁ ଅଞ୍ଚଳରେ ଉତ୍ସବର ମାହୋଲ୍ ଦେଖିବାକୁ ମିଳିଛି। ବାଣ ରୋଷଣୀ ସହ ବିଜେଡି ସମର୍ଥକମାନେ ଉତ୍ସବ ପାଳନ କରିଛନ୍ତି।

# ହନୁମାନ ଜୟନ୍ତୀ ଉପଲକ୍ଷେ କଳସ ଯାତ୍ରା

**ତୁଷୁରା, ୧୧।୪(ସମିସ):** ତୁଷୁରା ଧରୁଆପଡ଼ାର ହନୁମାନ ଜୟନ୍ତୀ ଉପଲକ୍ଷେ ଗୁରୁବାର ସନ୍ଧ୍ୟାରେ କଳସ ଯାତ୍ରା ଅନୁଷ୍ଠିତ



ହୋଇଯା।ଇଛି। ଆସନ୍ତା କାଲିଠାରୁ ଯଜ୍ଞ ସହିତ ପାରାୟଣ କାର୍ଯ୍ୟକ୍ରମ ହୋଇ ୧୪ ତାରିଖ ପୂର୍ଣ୍ଣାହୁତି ପଡ଼ିବାର କାର୍ଯ୍ୟକ୍ରମ ଅଛି। ଟିଟିଲାଗଡ଼ ବିଧାୟିକା ତଥା ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଟୁକୁନୀ ସାହୁ ସାମିଲ ହୋଇ ନିଜେ ମଧ ମହିଳାମାନଙ୍କ ସହିତ କଳସ ବୋହି ସହର ପରିକ୍ରମା କରି ଧରୁଆପଡ଼ା ହନୁମାନ ମନ୍ଦିର ପୂଜାସ୍ଥଳରେ କଳସ ସ୍ଥାପନା କରିଥିଲେ। ମନ୍ତ୍ରୀଙ୍କ ସହିତ ଟିଟିଲାଗଡ଼ ବିଜେଡି ସଭାପତି ରଣଜୀତ ପୃଷ୍ଟି, ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ ଜୟସ୍ୱାଲ, ବିଜେଡି ଅବଜାବର

**ସାମିଲ ହେଲେ ମନ୍ତ୍ରୀ ଟୁକୁନୀ ସାହୁ**

ଚିରାଗ ସିଂ ଦେଓ, ଯୁବନେତା ରାମଶଙ୍କର ବାଗ, ଜ୍ୟୋତି ମହାପାତ୍ର, ପପୁ ଜୟସ୍ୱାଲ, ବରିଷ୍ଠ ବିଜେଡି ନେତା ଛବି ସାହୁ ଙ୍କ ସହିତ ବଜରଙ୍ଗ ଦଳର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ବାନ୍ଧକଳାରେ ପ୍ରସ୍ତୁତ ଗଙ୍ଗାଧରଙ୍କ ମହିମା ଉନ୍ମୋଚିତ

**ବରପାଲି, ୧୧।୪ (ସମିସ):** ବରପାଲି ଠାରେ ଥିବା ଅନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ବାନ୍ଧଶିଳ୍ପୀ ଡ. ସୁରେନ୍ଦ୍ର ମେହେରଙ୍କ ଦ୍ୱାରା ପ୍ରସ୍ତୁତ ମାଷ୍ଟର ପିସ ସ୍ୱଭାବ କବିଙ୍କ ମହିମା ମଣ୍ଡିତ ସମ୍ପୂର୍ଣ୍ଣ କାବ୍ୟ ବାନ୍ଧକଳା ଉନ୍ମୋଚିତ ହୋଇଯାଇଛି। ଗଙ୍ଗାଧର ମେହର ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଶ୍ରାଦ୍ଧ ଶତବାର୍ଷିକ ଅବସରରେ ଏହି ବାନ୍ଧକଳାରେ ପ୍ରସ୍ତୁତ ଗଙ୍ଗାଧର ମହିମାକୁ ମୁଖ୍ୟ ଅତିଥି ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଡ଼. ଜି. ନାଗରାଜୁ ଏବଂ ମୁଖ୍ୟବକ୍ତା ଡ. କୃଷ୍ଣ କେଶବ ଷଡ଼ଙ୍ଗୀ ଉନ୍ମୋଚିତ କରିଥିଲେ। ଦୁଇ ବର୍ଷର ଅକ୍ଲାନ୍ତ ପରିଶ୍ରମ କ୍ରମେ ବାନ୍ଧକଳାଟି ପ୍ରସ୍ତୁତ ହୋଇଥିବା ଜଣାପଡ଼ିଥିଲା। ଦୀର୍ଘ ୨୭ଫୁଟ ଲମ୍ବର ୱାଲ ହ୍ୟାଙ୍ଗିଂ ବାନ୍ଧକଳା ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଏହି ବାନ୍ଧକଳା ଗଙ୍ଗାଧର ସାହିତ୍ୟକୁ ଆହୁରି ଉଚ୍ଚକୁ ନେବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଶ୍ରାଦ୍ଧ ଶତବାର୍ଷିକୀ ଅବସରରେ କବିଙ୍କ କୌଳିକ ବୃତ୍ତିରେ ନିର୍ମିତ ବାନ୍ଧକଳା ଓ ସମ୍ପୂର୍ଣ୍ଣ କାବ୍ୟଗୁଚ୍ଛ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହୋଇପାରିଛି ବୋଲି ଉତ୍ସବରେ ବହୁ ବକ୍ତା ମତ ପ୍ରକାଶ କରିଥିଲା। ଏହି ଅବସରରେ ଉପସ୍ଥିତ ଅତିଥିମାନେ ଏହି ବିରାଟ ବାନ୍ଧକଳାକୁ ପ୍ରସ୍ତୁତ କରିଥିବା ଶିଳ୍ପୀ ଡ.ମେହେରଙ୍କୁ କୃତଜ୍ଞତା ଜଣାଇଥିଲେ।



# ପ୍ରଚାରକୁ ଜୋରଦାର କରିଛନ୍ତି ଢୋଲକିଆ



**ନୂଆପଡ଼ା, ୧୧।୪(ସମିସ):** ବିଜେଡିର ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ପ୍ରଚାରରେ ଆଗରେ ରହିଛନ୍ତି। ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ୩ଟି ଯାକ ଜିଲ୍ଲା ପରିଷଦ ଜୋନରେ ପ୍ରଚାର ସାରିଥିବାବେଳେ ଏବେ ପଞ୍ଚାୟତମୁହାଁ ହୋଇଛନ୍ତି। ଗୁରୁବାର ସେ କୋମନା ବ୍ଲକର ଗଣ୍ଡାମେର, ଠିକପାଲି ପଞ୍ଚାୟତର ବିଭିନ୍ନ ଗାଁରେ ପ୍ରଚାର କରିଛନ୍ତି। ସେହିଭଳି ଖରିଆରରୋଡରେ ଆୟୋଜିତ ଇଦ୍ ମିଳନରେ ଯୋଗ ଦେଇଥିଲେ। ଅନ୍ୟପକ୍ଷେ କୋମନା ବ୍ଲକର ଖଇରଭାଡିରେ ଚାଲିଥିବା ନାମଯଜ୍ଞରେ ସାମିଲ ହୋଇଥିଲେ। ପୋଏଁରରେ ଚାଲିଥିବା ନାମଯଜ୍ଞ, ଜେଠୁପାଲିରେ ଷୋହଳ ପ୍ରହର ନାମଯଜ୍ଞରେ ନିଜକୁ ସାମିଲ କରିଥିଲେ। ଦାନୋଝଲା, ଲର୍କି, ସିମେଲପାଲି, ଠକପାଲି, ସୁକୁଲିମୁଣ୍ଡି, ବାବୁପାଲି, କଣ୍ଟାପାଲି, ଦାବ୍ରିପଡ଼ା, ଗଣ୍ଡାମେରରେ ପ୍ରଚାର କରିଛନ୍ତି। ତାଙ୍କ ସହ ଜିଲ୍ଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଷୀ, ଜୟ ଢୋଲକିଆ ପ୍ରମୁଖ ସାମିଲ ଥିଲେ।

ପ୍ରଥମ ବହଳପଦର ପ୍ରିମିଅର ଲିଗ୍ କ୍ରିକେଟ

# କିଙ୍ଗ କୋବ୍ରାକୁ ହରାଇ ୟଙ୍ଗ୍ ଫାଇଟର ଚାମ୍ପିଅନ

**ବୀରମହାରାଜପୁର, ୧୧।୪(ସମିସ)**

ବୀରମହାରାଜପୁର ବ୍ଲକ ବହଳପଦର ଖେଳ ପଡ଼ିଆରେ ହେଉଥିବା ପ୍ରଥମ ବହଳପଦର ପ୍ରିମିଅର ଲିଗ୍ କ୍ରିକେଟ ଫାଇନାଲରେ କିଙ୍ଗ କୋବ୍ରାକୁ ହରାଇ ୟଙ୍ଗ ଫାଇଟର ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ୟଙ୍ଗ ଫାଇଟର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ଟି ଉଇକେଟ ହରାଇ ୧୬୮ ରନ୍ କରିଥିଲା। ଦଳର ଡେନି ଗୋପାଳ ମାଝୀ ୨୮ ବଲରୁ ୮୯ ରନ୍ ଓ ରାକେଶ ପ୍ରଧାନ ୧୧ ବଲ୍‌ରୁ ୩୩ ରନ୍ କରିଥିଲେ। ବିପକ୍ଷ କିଙ୍ଗ କୋବ୍ରାର ବଶିଷ୍ଠ ସେଠୀ ୨ ଟି ଓ ସଞ୍ଜୀବ ନାଏକ ଓ ଟିଲୁ ପୋଢ଼ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ କିଙ୍ଗ କୋବ୍ରା ଦଳ ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୧୧୭ ରନ୍ କରି ପରାସ୍ତ ହୋଇଥିଲା। ଦଳର



ରାଜୁ ଦେହୁରୀ ୨୦ ବଲରୁ ୪୮ ରନ୍ ଓ ପ୍ରଭାସ ଘଣ୍ଟା ୧୫ ବଲ୍‌ରୁ ୩୧ ରନ୍ କରିଥିଲେ। ବିପକ୍ଷ ୟଙ୍ଗ ଫାଇଟରର ସୁଜିତ ସାହୁ ଓ ଶ୍ରୀତମ ବିଶି ୨ଟି ଏବଂ ରାକେଶ ପ୍ରଧାନ ଓ ରିତିକ ସାହୁ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ପୀତାମ୍ବର ସାହୁ ଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣି ଉତ୍ସବରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟ ଅତିଥି ଏବଂ ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ ରଥ, କିଶୋର ହୋତା, ପ୍ରଫୁଲ୍ଲ ଦନ୍ତା, ହିଲୁଙ୍ଗ ସମିତିସଭ୍ୟ ଶୈଳ ରଞ୍ଜନ ବାଦୀ, ତ୍ରିନାଥ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମିଶର ଦେହୁରୀଙ୍କୁ ଶ୍ରେଷ୍ଠ ଦର୍ଶକ, ଟାଇଗର ଏକାଦଶର ଆଶିଷ ମେହେରଙ୍କୁ ଶ୍ରେଷ୍ଠ ଶତକ ଭାବେ ପୁରସ୍କୃତ କରାଯାଇଥିଲା। ଏହା ସହିତ ୟଙ୍ଗ ଫାଇଟରର ରିତିକ ସାହୁଙ୍କୁ ଶ୍ରେଷ୍ଠ ବୋଲର, ଡେନିଗୋପାଲ ମାଝୀଙ୍କୁ ଶ୍ରେଷ୍ଠ ବ୍ୟାଟର ଓ ମ୍ୟାନ ଅଫ ଫାଇନାଲ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିଅନ ୟଙ୍ଗ ଫଇଟରକୁ ନଗଦ ୧୦ ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଅପ୍ କିଙ୍ଗ କୋବ୍ରାକୁ ନଗଦ ୭ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚ୍‌କୁ ପ୍ରଣବ ନନ୍ଦ ଓ ପ୍ରଣୟ ମହାକୁର ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ଦୀପକ ସାହୁ ସ୍କୋରର ଥିବାବେଳେ ମାନସ ନନ୍ଦ ଧାରାବିବରଣୀ ପ୍ରଦାନ କରିଥିଲେ।

